ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK — पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.40, Bhubaneswar Wednesday, March 18, 2020 | ୨୩ତମ ବର୍ଷ ସଂଖ୍ୟା-୪୦ ଭୁବନେଶ୍ୱର ବୁଧବାର, ମାର୍ଚ୍ଚ ୧୮, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତା ୫ % ବୃଦ୍ଧି

ଭୁବନେଶ୍ୱର,(ପିଏନ)- ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ ଖୁସି ଖବର। ମଙ୍ଗଳବାର ରାଜ୍ୟ ସରକାର ମହଙ୍ଗା ଭତା ୫ ପ୍ରତିଶତ ବଢାଇଛନ୍ତି। ଏହି ସହ ବର୍ତମାନ ମହଙ୍ଗାଭତା ୧୨ ପ୍ରତିଶତରୁ ବୃଦ୍ଧିପାଇ ୧୭ ପ୍ରତିଶତ ହୋଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତା ଜୁଲାଇ ୨୦୧୯ରୁ ପିଛିଲା ଭାବେ ଲାଗୁ ହେବ। ମଙ୍ଗଳବାର ଅର୍ଥ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଏହି ସୂଚନା ଦିଆଯାଇଛି।

ଦାବି ମୁତାବକ ସରକାର ପିଛିଲା ଭାବେ ୫ ପ୍ରତିଶତ ମହଙ୍ଗା ଭତା ଦେଇଥିବାରୁ ସଚିବାଳୟ କର୍ମଚାରୀ ମହାସଂଘ ସରକାରଙ୍କୁ କୃତଜ୍ଞତା ଜଣାଇଛି। ଉଲ୍ଲେଖଯୋଗ୍ୟ ଗତ ଶନିବାର କେନ୍ଦ୍ର ସରକାରଙ୍କ କର୍ମଚାରୀ ଏବଂ ପେନସନଭୋଗୀଙ୍କ ମହଙ୍ଗା ଭତା ୪ ପ୍ରତିଶତ ବୃଦ୍ଧି କରାଯାଇଥିଲା। ୨୦୨୦ ଜାନୁଆରୀ ପହିଲାରୁ ବର୍ଦ୍ଧିତ ମହଙ୍ଗା ଭତା ଲାଗୁହେବ। କେନ୍ଦ୍ର କର୍ମଚାରୀ ଓ ପେନସନଭୋଗୀମାନେ ୧୭ ପ୍ରତିଶତ ପରିବର୍ତେ ୨୧ ପ୍ରତିଶତ ମହଙ୍ଗା ଭତା ପାଇବେ।

## ରାଜ୍ୟସଭା ଯିବେ ବିଜେଡି ପ୍ରାର୍ଥୀ : ଆଜି ବିଧିବଦ୍ଧ ଘୋଷଣା

ଭୁବନେଶ୍ୱର,(ପିଏନ)- ଆସନ୍ତାକାଲି (ବୁଧବାର) ରାଜ୍ୟସଭାକୁ ଯିବାକୁ ଥିବା ପ୍ରାର୍ଥୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ। ବୁଧବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି। ଆସନ୍ତାକାଲି ଅପରାହ୍ନ ୩ଟା ପରେ ରିଟର୍ଣ୍ଣିଂ ଅଫିସର ଦାଶରଥୀ ଶତପଥୀ ନିର୍ବାଚିତ ପ୍ରାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରିବେ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟସଭାରେ ଖାଲି ହେବାକୁ ଥିବା ୪ ଟି ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିଲା। ତେବେ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ଦେଇନଥିବାରୁ ବିଜେଡି ସମସ୍ତ ୪ ଜଣ ପ୍ରାର୍ଥୀ ରାଜ୍ୟସଭାକୁ ଯିବା ସ୍ପଷ୍ଟ ହୋଇଛି। ବିଜେଡି ପ୍ରାର୍ଥୀ ସୁବାସ ସିଂହ , ମୁନା ଖାନ୍ , ସୁଜିତ୍ କୁମାର ଓ ମମତା ମହାନ୍ତ ନିଦ୍ୱନ୍ଦରେ ରାଜ୍ୟସଭାକୁ ନିର୍ବାଚିତ ହେବେ।

## ଖୋଲା ରହିବ ତେଜରାତି, କ୍ଷୀର ଓ ପରିବା ଦୋକାନ

ଭୁବନେଶ୍ୱର,(ପିଏନ)- କରୋନା ସଂକ୍ରମଣ ଯୋଗୁଁ ରାଜ୍ୟର ବିଭିନ୍ନ ସହରରେ ମଲ୍ ଗୁଡିକୁ ବନ୍ଦ କରିଦିଆଯାଇଛି। ତେବେ ଗୁଜବ ଯୋଗୁଁ ଅନ୍ୟାନ୍ୟ ଦୋକାନ ଗୁଡିକ ବନ୍ଦ ହୋଇଯାଉଥିବା ବେଳେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଜାରରୁ ଉଭାନ ହୋଇଯାଉଛି। ଏସମ୍ପର୍କରେ ସୂଚନା ଦେଇ ପୋଲିସ୍ କମିଶନର ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ ତେଜରାତି ଦୋକାନ ସବୁ ଖୋଲା ରହିବ ।କ୍ଷୀର, ପରିବା ଫଳ ଆଦି ଦୋକାନ ସବୁ ଖୋଲା ରହିବ । ଭୟଭୀତ ହୋଇ ଅଧିକ ସାମଗ୍ରୀ କିଣିବାର କୌଣସି ଆବଶ୍ୟକତା ନାହିଁ। ସତର୍କତା ଅବଲମ୍ବନ କଲେ ହିଁ ଭୂତାଣୁଠାରୁ ରକ୍ଷା ପାଇପାରିବା ବୋଲି ସେ କହିଛନ୍ତି।

### କେନ୍ଦ୍ରମନ୍ତ୍ରୀ ନିତୀନ ଗଡକରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ପତ୍ର

## ଅନୁଗୁଳରେ ପ୍ରତିଷ୍ଠା ହେଉ ଭୁବନେଶ୍ୱର ସିଟିଟିସିର ସଂପ୍ରସାରଣ କେନ୍ଦ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)- ଅନୁଗୁଳ ଠାରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ର ଟୁଲ୍ ରୁମ୍ ଏବଂ ତାଲିମ କେନ୍ଦ୍ର(ସିଟିଟିସି)ର ଅନ୍ୟ ଏକ ସଂପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ନିତୀନ ଗଡକରୀଙ୍କୁ ମଙ୍ଗଳବାର ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ କ୍ଷୁଦ୍ର ଆଧାରିତ ଶିଳ୍ପ ପାଇଁ ପ୍ରଡକ୍ସନ, ଡିଜାଇନ୍, କନ୍ସୁଲଟାନ୍ସି ପ୍ରଦାନ କରିବା ପାଇଁ ଏମଏସଏମଇ ବିଭାଗ ପକ୍ଷରୁ ଟୁଲ୍ ରୁମ୍ ଏବଂ ଟୁଲ୍ ଡିଜାଇନ(ଟିଆର/ଟିଡି) କେନ୍ଦ୍ର ପ୍ରତିଷ୍ଠା କରାଯାଉଛି।

ଭୁବନେଶ୍ୱରରେ ଥିବା କେନ୍ଦ୍ର ଟୁଲ୍ ରୁମ୍ ଏବଂ ତାଲିମ କେନ୍ଦ୍ର (ସିଟିଟିସି) ଦେଶର ୧୦ତମ ଟିଆର୍/ଟିଡି ମଧ୍ୟରେ ଥିବା ବେଳେ ଏହାର ସଂପ୍ରସାରଣ କେନ୍ଦ୍ର ଯାଜପୁର ଏବଂ ରାୟଗଡାରେ ରହିଛି । ଏହି କେନ୍ଦ୍ର ସ୍ଥାନୀୟ ଅଂଚଳରେ ବୈଷୟିକ ଦକ୍ଷତା ପ୍ରଦାନ କରି ମାନବସମ୍ବଳ ସହ ନିଯୁକ୍ତି ସୃଷ୍ଟି କରୁଛି, ଯାହା କ୍ଷୁଦ୍ର ଶିଳ୍ପର ବିକାଶରେ ସହାୟକ ହୋଇଛି ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

ଓଡିଶାର ପ୍ରମୁଖ ଶିଳ୍ପ ପେଣ୍ଠସ୍ଥଳୀ ଅନୁଗୁଳ ଠାରେ ଭୁବନେଶ୍ୱର ସିଟିଟିସିର ସଂପ୍ରସାରଣ କେନ୍ଦ୍ର ପ୍ରତିଷ୍ଠା ପାଇଁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡକରୀଙ୍କୁ ପ୍ରସ୍ତାବ ଦେଇଛନ୍ତି । ସେ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରସ୍ତାବିତ ତାଲିମ କେନ୍ଦ୍ର ସ୍ଥାନୀୟ ଅଂଚଳରେ ନିଯୁକ୍ତିଭିତିକ ଜ୍ଞାନକୌଶଳ ତାଲିମ୍ ଦେବାର ସୁବିଧା ପ୍ରଦାନ କରିବ । ଅନୁଗୁଳ ସହରରେ ଛୋଟବଡ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରିବା ସହ ଉଇମାନର ଟୁଲର ଡିଜାଇନ୍, ବିନିର୍ମାଣର ବିକାଶ କରିବା ସହ ଅନେକ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଦେବ ବୋଲି ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି।

ଅନୁଗୁଳରେ ଶିଳ୍ପର ବିକାଶ ଏବଂ ସ୍ଥାନୀୟ ଅଂଚଳରେ ମାନବସମ୍ବଳର ବୈଷୟିକ ଦକ୍ଷତାକୁ ବୃଦ୍ଧି କରିବା ପାଇଁ ତଥା ଅନୁଗୁଳରେ ପ୍ରସ୍ତାବିତ ଭୁବନେଶ୍ୱର ସିଟିଟିସିର ସଂପ୍ରସାରଣ କେନ୍ଦ୍ର ସ୍ଥାପନା ପାଇଁ ବିଚାର କରିବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ନିତୀନ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

## ବିଦେଶରୁ ଫେରି କ୍ୱାରେଂଟାଇନ୍ ରେ ଆଇଏଏସ୍ ଅଧିକାରୀ

ଭୁବନେଶ୍ୱର,(ପିଏନ)- ବିଦେଶରୁ ଫେରିବା ପରେ ହୋମ୍ କ୍ୱାରେଂଟାଇନ୍ ରେ ରହିଛନ୍ତି ଓଏମସିର ଏମଡି ତଥା କ୍ରୀଡା ବିଭାଗ ନିର୍ଦ୍ଦେଶକ ଭିନିଲ୍ କ୍ରୀଷ୍ଣା। ଏସମ୍ପର୍କରେ ସେ ଏକ ଭିଡିଓ ଜାରୀ କରି ସୂଚନା ଦେଇଛନ୍ତି। ଉକ୍ତ ଭିଡିଓରେ ସେ କହିଛନ୍ତି ଯେ ଗତକାଲି ସରକାରଙ୍କ ଦ୍ୱାରା ଜାରୀ କରାଯାଇଥିବା ଆଡଭାଇଜରୀ ଅନୁସାରେ ଗତକାଲି ଠାରୁ ସେ ଘରେ କ୍ୱାରେଂଟାଇନ୍ ରେ ଅଛନ୍ତି। ବିଦେଶରୁ ଫେରିବା ପରେ କରୋନାର କୌଣସି ଲକ୍ଷଣ ନଥିଲେ ମଧ୍ୟ ସେ ଆଡଭାଇଜରୀର ନିୟମ ପାଳନ କରି ସରକାରଙ୍କ ୱେବସାଇଟ୍ ରେ ରେଜିଷ୍ଟ୍ରେସନ୍ କରିଛନ୍ତି। ସମସ୍ତେ ସରକାରଙ୍କ ଆଡଭାଇଜରୀକୁ କଡାକଡି ଭାବେ ପାଳନ କରିବା ସହ କରୋନା ଭାଇରସ୍ ର ମୁକାବିଲା ପାଇଁ ସହଯୋଗ କରିବାକୁ ଜନସାଧାରଣଙ୍କୁ ସେ ଅନୁରୋଧ କରିଛନ୍ତି।

### କରୋନା ମୁକାବିଲା

## ୨୪ ଘଣ୍ଟାରେ ବାହାରୁ ଆସିଥିବା ୧୨୩୯ ଜଣ କରିଛନ୍ତି ପଞ୍ଜୀକରଣ

ଭୁବନେଶ୍ୱର,(ପିଏନ)- ବାହାରୁ ଓଡ଼ିଶାକୁ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦତ ଅନ୍‌ଲାଇନ୍ ପୋର୍ଟାଲ୍ pcovid19.odisha.gov.in ରେ ଗତ ୨୪ ଘଂଟା ମଧ୍ୟରେ ୧୨୩୯ ଜଣ ପଞ୍ଜୀକରଣ କରିଛନ୍ତି । ୧୦୪ ସହାୟତା ନମ୍ବର ଜରିଆରେ ୫୫୪ ଜଣ ଏବଂ ୱେବ୍‌ସାଇଟ୍‌ରେ ୬୮୫ ଜଣ ପଞ୍ଜୀକରଣ କରିଛନ୍ତି ବୋଲି କୋଭିଡ୍ -୧୯ ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ଶ୍ରୀ ସୁବ୍ରତୋ ବାଗ୍‌ଚୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।



ସେ କହିଛନ୍ତି ଯେ ବର୍ତମାନ ସୁଦ୍ଧା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ହସ୍ତଗତ ୩୨ଟି ନମୁନା ମଧ୍ୟରୁ ୩୧ଟି କରୋନା ନେଗେଟିଭ୍ ଆସିଥିବାବେଳେ ଯେଉଁ ଜଣଙ୍କଠାରେ ପଜିଟିଭ୍ ଆସିଛି ସେ ଚିକିତ୍ସିତ ହେଉଛନ୍ତି ଏବଂ ସୁସ୍ଥ ଅଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କୁ ହୋମ୍ ଆଇସୋଲେସନ୍‌ରେ ରହିବା ପାଇଁ ପରାମର୍ଶ ଦିଆଯାଇଛି ।

ରାଜ୍ୟର ପ୍ରତ୍ୟେକ ଜିଲ୍ଲା ସଦର ମହକୁମାସ୍ଥିତ ଡାକ୍ତରଖାନା ଓ ମେଡିକାଲ୍ କଲେଜ୍-ହସ୍‌ପିଟାଲ୍‌ଗୁଡ଼ିକରେ ଆଇସୋଲେସନ୍ ବ୍ୟବସ୍ଥା ଉପଲବ୍ଧ କରାଯାଇଛି । ବର୍ତମାନ ସୁଦ୍ଧା ୫୪୦ଟି ଆଇସୋଲେସନ୍ ବେଡ୍ ପ୍ରସ୍ତୁତ ରହିଛି । ଗ୍ରାମାଂଚଳରେ ପ୍ରତିଷେଧକ ବ୍ୟବସ୍ଥା ଭାବରେ ବ୍ଲକ୍‌ସ୍ତରରେ କ୍ୱାରାଂଟାଇନ୍‌ର ସୁବିଧା ନିମନ୍ତେ ଚିହ୍ନଟ ହୋଇଥିବା ସୁରକ୍ଷିତ ଗୃହଗୁଡ଼ିକ ପାଇଁ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର କରାଯାଇଛି । ଗତ ୨୪ ଘଂଟା ମଧ୍ୟରେ ୧୦୪ ହେଲ୍ ଲାଇନ୍‌କୁ ୧୦ ହଜାରରୁ ଉର୍ଦ୍ଧ୍ୱ କଲ୍ ଆସିଛି । ଏହି କଲ୍ ସେଂଟରର କଳେବର ବୃଦ୍ଧି ସହ ଏହାକୁ ଅଧିକ ବ୍ୟାପକ କରିବା ନିମନ୍ତେ ପୂର୍ତ ବିଭାଗର ଶାସନ ସଚିବ ଡ. କ୍ରିଷନ୍ କୁମାରଙ୍କୁ ଏହାର ପରିଚାଳନା ଦାୟିତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି । ଘରୋଇ ଚିକିତ୍ସାଳୟଗୁଡ଼ିକରେ ମଧ୍ୟ କରୋନା କେନ୍ଦ୍ର ସ୍ଥାପନ କରିବା, ଆବଶ୍ୟକୀୟ ପ୍ରୋଟୋକଲ୍ ପାଳନ ସହ ଅନାବଶ୍ୟକ ଲୋକଙ୍କ ଯିବାଆସିବା ଉପରେ କଟକଣା ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ସୂଚନା ଓ ଲୋକସଂପର୍କ ବିଭାଗର ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଏବଂ ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ସଚିବ ଶ୍ରୀ ମନୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଭିଡ ନିୟନ୍ତ୍ରଣ ପାଇଁ ଆହାର କେନ୍ଦ୍ର ଦିନ ୧୦ଟାରୁ ୪ଟା ଯାଏ ଖୋଲା ରହିବ

ଭୁବନେଶ୍ୱର,(ପିଏନ)-କୋରନା ସଂକ୍ରମଣର ଆଶଙ୍କାକୁ ଦେଖି ଓ ଆହାର କେନ୍ଦ୍ରରେ ଭିଡ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଏହେ ଆହାର କେନ୍ଦ୍ର ଗୁଡିକ ଦିନ ୧୦ଟାରୁ ୪ଟା ଯାଏ ଖୋଲା ରହିବ। ଏହା ବ୍ୟତୀତ ଖାଇବା ବେଳେ ଦେଢ ମିଟର ଦୂରତ୍ୱ ରଖିବା ସହ ଅନ୍ୟ କିଛି ନିର୍ଦ୍ଦେଶନାମା ଜାରୀ କରିଛନ୍ତି ରାଜ୍ୟ ସରକାର। ନଗର ଉନ୍ନୟନ ସଚିବ ଜି ମାଥିଭାତନନ ସମସ୍ତ ଜିଲ୍ଲାପାଳ, ମ୍ୟୁନିସିପାଲ କମିଶନର ଓ ପୌରପାଳିକା ଓ ବିଜ୍ଞାପିତ ଅଂଚଳ ପରିଷଦ ଗୁଡିକର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି ଆହାର କେନ୍ଦ୍ରର ସେବାକୁ କିଭଳି ନିୟନ୍ତ୍ରିତ କରା ଯିବ ସେ ନେଇ ନିର୍ଦ୍ଦେଶନାମା ଜାରୀ କରିଛନ୍ତି ।

ଏହି ପତ୍ରରେ କୁହା ଯାଇଛି ଯେ ଲୋକ ମାନେ ଧାଡିରେ ଆହାର ଗ୍ରହଣ କରିବେ । ଧାଡିରେ ଦୁଇ ଲୋକ ମାନଙ୍କ ମଧ୍ୟରେ ଅତି କମରେ ଦେଢ ମିଟର ଦୂରତା ରହିବା ଆବଶ୍ୟକ । ଏହାକୁ ତଦାରଖ କରିବାକୁ ଆହାର କେନ୍ଦ୍ର ଗୁଡିକରେ ପୋଲିସ କର୍ମଚାରୀ ବା ହୋମଗାର୍ଡଙ୍କୁ ମୁତୟନ କରା ଯିବ।

ଲୋକ ମାନେ ଆହାର କେନ୍ଦ୍ର ଗୁଡିକୁ ପ୍ରବେଶ କରିବା ପୂର୍ବରୁ ହାତ ଧୋଇବା ସହ ସେମାନଙ୍କ ଲାଗି ସାବୁନ ବା ହ୍ୟାଣ୍ଡ ୱାସର ବ୍ୟବସ୍ଥା କରାଯିବାକୁ ଏଥିରେ ଉଲ୍ଲେଖ ରହିଛି । ସେହିପରି ଆହାର କେନ୍ଦ୍ର ବାହାରେ ଖାଇବାକୁ ଉତ୍ସାହିତ କରା ଯିବ। କେବଳ ସେତିକି ନୁହେଁ ବାହାରେ ଡ ଷ୍ଟବିନ ରଖିବାକୁ ମଧ୍ୟ କୁହା ଯିବ।

ଆହାର କେନ୍ଦ୍ର ଭିତରେ ଯେଭଳି ଭିଡ ନହେବ ସେଥିପାଇଁ କର୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ। ଆବଶ୍ୟକ ପଡିଲେ ଲୋକଙ୍କୁ ଖାଦ୍ୟ ସାମଗ୍ରୀ ନେଇ ବାହାରେ ଖାଇବାକୁ ପରାମର୍ଶ ଦେବେ। ଆହାର ପାଇଁ ଲୋକେ ହାତକୁ ପଇସା ଦେବା ବଦଳରେ ସେଠାରେ ଉଦ୍ଦିଷ୍ଟ ଥିବା ବାକ୍ସରେପକାଇବେ। ସେହିପରି ଆହାର କେନ୍ଦ୍ର ସମ୍ମୁଖରେ ଥିବା କାଉଂଟରକୁ ନିୟମିତ ଭାବେ ସାନିଟାଇଜ୍ କରାଯିବ। ଆହାର କେନ୍ଦ୍ର ବାହାରେ ପାନୀୟ ଜଳ ବ୍ୟବସ୍ଥା କରିବାକୁ କୁହାଯାଇଛି। ଯାହା ଫଳରେ ଗହଳି ହ୍ରାସ ହେବ। ଏଥିପାଇଁ ଅସ୍ଥାୟୀ ଭାବେ ସାମଗ୍ରୀ ସବୁ ଭଡାରେ ଆଣିବାକୁ କୁହାଯାଇଛି। ଏଥିସହିତ ଆହାର କେନ୍ଦ୍ରର କର୍ମଚାରୀମାନେ ଯେଭଳି ପରିସ୍କାର ପରିଚ୍ଛନ୍ନ ରହିବେ ତାହା ଉପରେ ଗୁରୁତ୍ୱ ଦେବାକୁ ସରକାର କହିଛନ୍ତି।

## କରୋନା ପାଇଁ ଚାରି ମାସର ଭତା ଆଗୁଆ ପ୍ରଦାନ କରିବେ ସରକାର : ଅଶୋକ ପଣ୍ଡା

ଭୁବନେଶ୍ୱର,(ପିଏନ)- କରୋନା ଭାଇରସ ବ୍ୟାପିବାକୁ ଆଖି ଆଗରେ ରଖି ରାଜ୍ୟ ସରକାର ଚାରି ମାସର ଭତା ଆଗୁଆ ପ୍ରଦାନ କରିବେ । ସାମାଜିକ ନିରାପତା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ପଣ୍ଡା ଏହି ସୂଚନା ଦେଇଛନ୍ତି। ମୋଟ ୪୮ ଲକ୍ଷ ହିତାଧିକାରୀ ଏହାଦ୍ୱାରା ଉପକୃତ ହେବେ।

ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏପ୍ରିଲ, ମେ , ଜୁନ ଓ ଜୁଲାଇ ମାସର ଭତା ହିତାଧିକାରୀ ମାନଙ୍କୁ ଆଗୁଆ ପ୍ରଦାନ କରା ଯିବ। ମଙ୍ଗଳବାର ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି ଯେ ମହାମାରୀ କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି । ରାଜ୍ୟରେ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଉପକୃତ ହେଉଥିବା ହିତାଧିକାରୀମାନଙ୍କୁ ସେଥିପାଇଁ ଆସନ୍ତା ୪ ମାସର ଭତା ରାଶି ଅଗ୍ରୀମ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପଣ୍ଡା କହିଛନ୍ତି। ତେବେ ଏହି ଭତା ପ୍ରଦାନର ନିର୍ଦ୍ଦିଷ୍ଟ ତାରିଖ ଓ ସ୍ଥାନ ପରବର୍ତୀ ସମୟରେ ଘୋଷଣା କରାଯିବ।

ଅନ୍ୟ ପକ୍ଷରେ ସାମାଜିକ ସୁରକ୍ଷା ତଥା ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ କରୋନା ପ୍ରତିରୋଧ ନେଇ ମାର୍ଗଦର୍ଶିକା ଜାରି କରାଯାଇଛି। ବିଭାଗ ପକ୍ଷରୁ ଚାଲିଥିବା କ୍ଷମତା ଏକ୍ସପ୍ରେସ୍ ଶିବିର, ଭିନ୍ନକ୍ଷମ ପ୍ରମାଣପତ୍ର ଶିବିର, ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଏବଂ ଅନ୍ୟାନ୍ୟ ହିତାଧିକାରୀସଂପୃକ୍ତ ଥେରାପି, ଫିଟ୍‌ମେଂଟ ଓ କାଉନ୍‌ସେଲିଂ କେନ୍ଦ୍ରଗୁଡ଼ିକୁ ପରବର୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବାତିଲ କରାଯାଇଛି ବୋଲି ମାର୍ଗଦର୍ଶିକାରେ କୁହାଯାଇଛି। ଗତକାଲି ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା ସମସ୍ତ ଜିଲ୍ଲାପାଳଙ୍କୁ ଉପରୋକ୍ତ ମର୍ମରେ ପତ୍ର ଲେଖି ମାର୍ଗଦର୍ଶିକା ପାଳନ ନିମନ୍ତେ ପରାମର୍ଶ ଦେଇଛନ୍ତି ।

## ଆଗୁଆ ପିଡିଏସ ସାମଗ୍ରୀ ଯୋଗାଇ ଦେବା ସମ୍ପର୍କରେ ଶୀଘ୍ର ନିଷ୍ପତି

ଭୁବନେଶ୍ୱର,(ପିଏନ୍) - ବଜାରରେ କିଛି ନିଅଂଟିଆ ନାହିଁ। ତେଣୁ ଲୋକ ମାନେ କୌଣସି ପ୍ରକାର ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି କହିଛନ୍ତି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ଶ୍ରୀ ସ୍ୱାଇଁ କହିଛନ୍ତି ଯେ ରାଜ୍ୟ ସରକାର କୌଣସି ପ୍ରକାରରେ ହୋର୍ଡିଂ କରିବାକୁ ଦେଉ ନାହାନ୍ତି । ବିଭାଗ ସମ୍ପୂର୍ଣ ଭାବେ ସଚେତନ ରହିଛି ତଥା ବିଭିନ୍ନ ବିଭାଗ ସହିତ ସମନ୍ୱୟ ରଖା ଯାଇଛି। ସେ ଲୋକ ମାନଙ୍କୁ ନିବେଦନ କରିଛନ୍ତି ଯେ ସେମାନେ କୌଣସି ପ୍ରକାର ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ । ଗୁଜବ ସୃଷ୍ଟିକାରୀ ମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଲୋକ ମାନେ ଏହି ପ୍ରସଙ୍ଗରେ ସଚେତନ ହେବାର ଆବଶ୍ୟକତା ରହିଛି । ସେ କହିଛନ୍ତି ଯେ ସରକାର ଯେଉଁ ଗାଇଡଲାଇନ ଦେଇଛନ୍ତି ତାକୁ ନେଇ କାମ କରିବାକୁ ସେ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଅହେତୁକ ଭାବେ ମାସ୍କ ବ୍ୟବହାର କରିବାର କୌଣସି ଆବଶ୍ୟକତା ନାହିଁ । ପାଂଚ ଜଣରୁ ଅଧିକ ଭୀଡକୁ ଗଲେ ଏହାର ଆବଶ୍ୟକତା ପଡି ପରେ । ସାବୁନରେ ହାତ ଧୋଇବାକୁ ସେ କହିଛନ୍ତି ।




### ରେଲୱେ ଉପରେ କରୋନା ପ୍ରଭାବ

## ଯାତ୍ରୀ ସଂଖ୍ୟା କମିବାରୁ ୧୦ ଟ୍ରେନ୍ ବାତିଲ

ଭୁବନେଶ୍ୱର,(ପିଏନ)-ଯାତ୍ରୀ ସଂଖ୍ୟା କମିବା ଦୃଷ୍ଟିରୁ, ପୂର୍ବ ତଟ ରେଳପଥରେ ଚଳାଚଳ କରୁଥିବା ୦୫ ଯୋଡ଼ା (୧୦ଟି ଟ୍ରେନ୍) ସ୍ୱତନ୍ତ୍ର ଟ୍ରେନ୍‌କୁ ବିଭିନ୍ନ ସ୍ଥାନରୁ ବାତିଲ କରାଯାଇଛି । ଯଦି ଆବଶ୍ୟକ ପଡ଼େ ଆହୁରି ଅଧିକ ଟ୍ରେନ୍‌କୁ ବାତିଲ୍ କରାଯାଇପାରେ । ଯାତ୍ରୀ ଟିକେଟ୍ ବୁକିଂ ଉପରେ ନିୟମିତ ଭାବେ ବିଶ୍ଲେଷଣ କରାଯାଉଛି । ଯେତେବେଳେ ଆବଶ୍ୟକ ପଡ଼ିବ ଆହୁରି ଅଧିକ ଟ୍ରେନ୍ ବାତିଲ କରିବାକୁ ନିଷ୍ପତି ନିଆଯିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ ପୂର୍ବ ତଟ ରେଳପଥରେ ଗତ ଛଅ ଦିନ ମଧ୍ୟରେ ଏକ ଲକ୍ଷରୁ ଉର୍ଦ୍ଧ୍ୱ ଟିକେଟ୍ ବାତିଲ୍ ହୋଇଛି । ଏହି ବାତିଲ୍ ସଂଖ୍ୟା ଗତ ବର୍ଷ ବାତିଲ୍ ହୋଇଥିବା ଟିକେଟ ସଂଖ୍ୟାଠାରୁ ଶତକଡ଼ା ୬୭ ଭାଗ ରୁ ଅଧିକ ।ସେହିପରି ସାରା ଭାରତୀୟ ରେଳପଥରେ ଟିକେଟ୍ ବାତିଲ ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା ୮୦% ରୁ ଅଧିକକୁ ପହଂଚିଲାଣି ।

କରୋନା ବା କୋଭିଡ୍-୧୯ ସଂକ୍ରମଣର ବ୍ୟାପକତା ଜନିତ ଯାତ୍ରୀ ହ୍ରାସ କାରଣରୁ ପୂର୍ବ ତଟ ରେଳପଥ କେତେକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ ସେବାକୁ ଅସ୍ଥାୟୀ ରୂପେ ବାତିଲ୍ କରିବାକୁ ନିଷ୍ପତି ନେଇଛି ।

ଟ୍ରେନ୍ ନଂ. ୦୮୫୦୧/୦୮୫୦୨ ବିଶାଖାପାଟଣା-ସିକନ୍ଦରାବାଦ୍-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍‌କୁ ଭିଶାଖାପାଟଣାଠାରୁ ତା ୧୭,୨୪ ଓ ୩୧ ମାର୍ଚ୍ଚ, ୨୦୨୦ରିଖ ଦିନ ତଥା ସିକନ୍ଦରାବାଦ୍‌ଠାରୁ ତା ୧୮, ୨୫ ମାର୍ଚ୍ଚ ଏବଂ ୧ ଏପ୍ରିଲ, ୨୦୨୦ରିଖ ଦିନ ବାତିଲ୍ କରାଯିବ । ଟ୍ରେନ୍ ନଂ. ୦୮୫୭୩/୦୮୫୭୪ ବିଶାଖାପାଟଣା-ତିରୁପତି-ବିଶାଖାପାଟଣା ସ୍ୱତନ୍ତ୍ର ଟ୍ରେନ୍‌କୁ ବିଶାଖାପାଟଣାଠାରୁ ୨୩ ଓ ୩୦ ମାର୍ଚ୍ଚ, ୨୦୨୦ରିଖ ଦିନ ତଥା ତିରୁପତିଠାରୁ ତା ୨୪ ଓ ୩୧ ମାର୍ଚ୍ଚ, ୨୦୨୦ ରିଖ ଦିନ ବାତିଲ୍ କରାଯିବ ।

ଟ୍ରେନ୍ ନଂ. ୦୮୩୦୧/୦୮୩୦୨ ସମ୍ବଲପୁର-ବନସ୍‌ୱାଡି-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ସମ୍ବଲପୁରଠାରୁ ତା ୧୮ ଓ ୨୫ ମାର୍ଚ୍ଚ, ୨୦୨୦ ରିଖ ଦିନ ଏବଂ ବନସ୍‌ୱାଡିଠାରୁ ତା ୧୯ ଓ ୨୬ ମାର୍ଚ୍ଚ, ୨୦୨୦ ରିଖ ଦିନ ବାତିଲ୍ ହେବ ।

ଟ୍ରେନ୍ ନଂ. ୦୮୪୦୭/୦୮୪୦୮ ଭୁବନେଶ୍ୱର-ସିକନ୍ଦରାବାଦ୍-ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରଠାରୁ ତା ୧୯ ଓ ୨୬ ମାର୍ଚ୍ଚ ୨୦୨୦ ରିଖ ଦିନ ଏବଂ ସିକନ୍ଦରାବାଦ୍‌ଠାରୁ ତା ୨୦ ଓ ୨୭ ମାର୍ଚ୍ଚ ୨୦୨୦ରିଖ ଦିନ ବାତିଲ୍ ହେବ। ସେହିପରି ଟ୍ରେନ୍ ନଂ. ୦୮୪୦୩/୦୮୪୦୪ ପୁରୀ-ସନ୍ତ୍ରାଗାଛି-ପୁରୀ ସ୍ୱତନ୍ତ୍ର ଟ୍ରେନ୍ ପୁରୀଠାରୁ ତା ୨୦ ଓ ୨୭ ମାର୍ଚ୍ଚ, ୨୦୨୦ରିଖ ଦିନ ଏବଂ ସନ୍ତ୍ରାଗାଛିଠାରୁ ତା ୨୧ ଓ ୨୮ ମାର୍ଚ୍ଚ ୨୦୨୦ରିଖ ଦିନ ବାତିଲ୍ ହେବ ।

କରୋନା ମୁକାବିଲା ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥର ଭୁବନେଶ୍ୱର, ପୁରୀ, ସମ୍ବଲପୁର ଓ ବିଶାଖାପାଟଣା ଡିପୋରୁ ଛାଡ଼ିବାକୁ ଥିବା ଟ୍ରେନ୍ ଗୁଡ଼ିକରୁ ଚାଦର (ବ୍ଲାଙ୍କେଟ୍) ଓ ପରଦା (କର୍ଟେନ୍)କୁ ବାହାର କରି ଦିଆଯାଇଛି । ଯାତ୍ରୀମାନେ ଚାହିଁଲେ ସେମାନଙ୍କର ନିଜର ଶାଲ୍ , ବେଡସିଟ୍ ଇତ୍ୟାଦି ସାଙ୍ଗରେ ନେଇ ପାରିବେ । ସେମାନେ ରେଲୱେ ଦ୍ୱାରା ପ୍ରଦତ ଚାଦର କି ବେଡ୍‌ସିଟ୍ ବ୍ୟବହାର କରିପାରିବେ କିମ୍ବା ତାଙ୍କର ନିଜର ବ୍ୟବହାର କରିପାରିବେ।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୬କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ୍ତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତ୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହି ଗୁଣଗୁଡ଼ିକ ହେଉଛି କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତ୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତ୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୁଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍‌ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା'ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# କରୋନା ଭାଇରସ ସଂକ୍ରମଣ ଓ ବିଶ୍ୱ ! ଦିବ୍ୟ ମାତା : ଶ୍ରୀମା







କରୋନା ରୋଗ (covid-19, sars-cov-2) ପାଇଁ ସାରା ପୃଥିବୀରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଦିନକୁ ଦିନ ମାଡି ଚାଲିଛି ଏହି ରୋଗ । ଦେଶ ପରେ ଦେଶ ଏହା କବଳରେ ପଡିଯାଉଛନ୍ତି । ଦେଶ-ଦେଶ ମଧ୍ୟରେ ଯାତାୟାତ ବନ୍ଦ ହୋଇଗଲାଣି । ଭ୍ରମଣକାରୀ ମାନେ ନିଜ ଦେଶକୁ ଫେରିଗଲେଣି । ବିଦେଶୀମାନଙ୍କୁ ବିମାନବନ୍ଦର, ପୋତାଶ୍ରୟରେ ନଜରବନ୍ଦୀରେ ରଖାଯାଉଛି । ଇଟାଲି ଭଳି ଦେଶରେ ସହରମାନଙ୍କରୁ ଲୋକ ଯିବାଆସିବା ବନ୍ଦ କରାଯାଇଛି । ସ୍କୁଲ କଲେଜ ବନ୍ଦ କରି ପିଲାମାନେ ଘରେ ରହିବାକୁ କୁହାଯାଇଛି । ଜିନିଷପତ୍ର ନେବାଆଣିବା ବନ୍ଦ ହୋଇଗଲାଣି । ବିଦେଶରୁ ଜାହାଜମାନ ଆସୁନାହିଁ। ଅନେକ କଳକାରଖାନା ମଧ୍ୟ ବନ୍ଦ ହୋଇଗଲାଣି । ବର୍ତ୍ତମାନ ଖବର ଅନୁଯାୟୀ ୧୦୨ ଦେଶରେ ଏହି ରୋଗ ମାଡିଗଲାଣି । ଦର୍ଶନୀୟ ସ୍ଥାନମାନଙ୍କରେ ଆଉ ଲୋକଗହଳି ନାହିଁ । ହୋଟେଲ, ରେଷ୍ଟୁରାଂଟ, ଏୟାର ପୋର୍ଟ, ରେଲୱେ ଷ୍ଟେସନ ସବୁଆଡେ ଖାଁ ଖାଁ, ମୃତ୍ୟୁସଂଖ୍ୟା ପ୍ରାୟ ଚାରି ହଜାର । ପାଖାପାଖି ଦୁଇ ଲକ୍ଷ ଲୋକ ଏହି ରୋଗରେ ଆକ୍ରାନ୍ତ ହେଲେଣି । ନ୍ୟୁୟର୍କ ନଗରୀରେ ମଧ୍ୟ ୩୧ ଜଣଙ୍କର ମୃତ୍ୟୁ ଘଟିଯାଇଛି । କାଲିଫର୍ଣ୍ଣିଆ, ସିଏଟଲ ସିଟିରେ ରୋଗ ହୋଇ ଲୋକ ମଲେଣି । ଆମେରିକା ସରକାର ଜରୁରୀ ଅବସ୍ଥା ଗୋଷଣା କରି ୮ ବିଲିଅନ ଡଲାର ଏହି ରୋଗର ପ୍ରତିକାର ପାଇଁ ରଖିଲେଣି । ଚୀନ, ଦକ୍ଷିଣ କୋରିଆ, ଜାପାନ, ଇଟାଲି, ଇରାନ, ସିଙ୍ଗାପୁର, ଥାଇଲାଣ୍ଡ, ହଂକଂ ଫ୍ରାନସ, ଜର୍ମାନୀ ଭଳି ଦେଶମାନଙ୍କରେ ଏହି ରୋଗ ଆତଙ୍କ ସୃଷ୍ଟି କରିଛି । ଭାରତରେ ମଧ୍ୟ ଏହି ରୋଗ ବିଭିନ୍ନ ରାଜ୍ୟରେ ଦେଖାଦେଇଛି । ପ୍ରଥମ ମୃତ୍ୟୁ ମଧ୍ୟ ହୋଇସାରିଲାଣି । ଭାରତରେ ଥିବା ବିଦେଶୀ ପର୍ଯ୍ୟଟକମାନଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇ ସେମାନଙ୍କୁ ଅଲଗା ରଖାଯାଇଛି । ବିଶେଷତଃ ଚୀନରେ ଥିବା ଅନେକ ଛାତ୍ର, ଯେଉଁମାନେ କି ରୋଗ ବ୍ୟାପିବା ପରେ ଘରକୁ ପଳେଇ ଆସିଛନ୍ତି; ସେମାନଙ୍କ ଉପରେ ଦୃଷ୍ଟି ରଖାଯାଇଛି । ବିଶ୍ୱରେ ଚରମ ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟି ହୋଇଛି । ଆଗାମୀ ଗ୍ରୀଷ୍ମଋତୁରେ ହେବାକୁ ଥିବା ଟୋକିଓ ଅଲିମ୍ପିକ ମଧ୍ୟ ବନ୍ଦ ହେବାର ସମ୍ଭାବନା ଦେଖାଦେଇଛି ।

**କ'ଣ ଏହି କରୋନା ଭାଇରସ (carona virus-covid 2019):** କରୋନା ଭାଇରସ ଇନଫ୍ଲୁଏଞ୍ଜା ଭାଇରସ ଭଳି ଏକ ଭୂତାଣୁ । ଇଲେକ୍ଟ୍ରନ ମାଇକ୍ରୋସ୍କୋପରେ ଏହାର ଅନେକ ଲମ୍ବା, ଲମ୍ବା କରୋନା ଝୁଲୁଥିବାର ଦେଖାଯାଏ । ସୂର୍ଯ୍ୟଙ୍କର ସୌରମଣ୍ଡଳରେ କରୋନା ସ୍ପିଅରରେ ଏହିଭଳି ଦେଖାଯାଏ । ତେଣୁ ଏହାର ନାମ କରୋନା ରଖାଯାଇଛି । ଏହି ରୋଗ ମଣିଷରୁ ମଣିଷ ଓ ବାଦୁଡି, ଘୁଷୁରୀ, ବତକ, ମାଛ, ପେଙ୍ଗୁଲିନାଙ୍କଠାରୁ ମଣିଷଙ୍କୁ ବ୍ୟାପିଥାଏ । ଅଧିକାଂଶ ରୋଗୀ ସହଜରେ ପୂର୍ଣ୍ଣ ଆରେଗ୍ୟ ଲାଭ କରନ୍ତି । ମାତ୍ର ଅତ୍ୟଧିକ ବୟସ, ଏଡସ୍, ବହୁମୂତ୍ର, ବୃକକ୍, ଲିଭର ସଂକ୍ରମଣ ଭଳି କ୍ଷେତ୍ରରେ ଏହା ସମସ୍ୟା ସୃଷ୍ଟି କରିଥାଏ । ସ୍ତ୍ରୀମାନଙ୍କଠାରୁ ପୁରୁଷ ମାନଙ୍କ ଠାରେ ଏହା ଅଧିକ ଭୟଙ୍କର ହୋଇଥାଏ । ପିଲାମାନେ ଏହି ରୋଗକୁ ଅଧିକ ସହି ପାରନ୍ତି । ଅତୀତରେ ଇବୋଲା ଭାଇରସ, ସ୍ୱାଇନ ଫ୍ଲୁ ଭାଇରସ, ଜିକା ଭାଇରସ, ସାରସ ବେଳେ ମଧ୍ୟ ଏହିଭଳି ଅବସ୍ଥା ହୋଇଥିଲା । ୨୦୧୨ ମସିହରେ ହୋଇଥିବା ସାରସ ଭାଇରସ ରୋଗ ମଧ୍ୟ ଏକ ପ୍ରକାର କରୋନା ଭାଇରସ ଯୋଗୁ ହୋଇଥିଲା । ଏହି ରୋଗର ମୃତ୍ୟୁହାର ସେସବୁ ରୋଗଠାରୁ କମ୍ ହେଲେ ମଧ୍ୟ ଏହାର ବ୍ୟାପକତା ଅଧିକ ସମସ୍ୟା ସୃଷ୍ଟି କରିଛି । ଚାହୁଁ ଚାହୁଁ ଏହା ୧୦୨ ଦେଶକୁ ଡେଇଁ ସାରିଲାଣି । ଚାଇନାର ହୁଆନ ସହରର ମାଂସ ବଜାରରେ ଏହି ରୋଗ ତା୩୧.୧୨.୨୦୧୯ରିଖ ଦିନ ଅଜଣା ଶ୍ୱାସ ରୋଗ (pneumonia of unkown origin) ଭାବରେ ପ୍ରଥମେ ବ୍ୟାପିଥିଲା । ଜଣେ ଚକ୍ଷୁ ଡାକ୍ତର ପ୍ରଥମେ ଏହି ରୋଗ ବିଷୟରେ ସମ୍ବାଦ ଦେଲେ । ମାତ୍ର ସରକାର ଏହା ମିଥ୍ୟା ବୋଲି କହି ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଲେ । ଅନେକ ଦିନ ପର୍ଯ୍ୟନ୍ତ ଘଟଣାକୁ ଗୁପ୍ତ ରଖିଲେ । ଯେତେବେଳେ ପରିସ୍ଥିତି ଅସମ୍ଭାଳ ହେଲା ବାହାର ଦୁନିଆ ଜାଣିଲା, ସେହି ସହରରେ ପ୍ରାୟ ୬୦ ହଜାର ଲୋକ ଆକ୍ରାନ୍ତ ହେଲେ, ଦୁଇ ହଜାର ଲୋକ ମଲେ । ବର୍ତ୍ତମାନ ସେ ସହର ମୃତ୍ୟୁ ସହର ପାଲଟିଯାଇଛି । ବଜାର ବନ୍ଦ ଅଛି । କଳକାରଖାନାମାନଙ୍କରେ ତାଲା ଝୁଲୁଛି । ଆକ୍ରାନ୍ତଙ୍କୁ ନେଇ ଦୁର୍ଗମାନଙ୍କରେ ଅଲଗା ରଖାଯାଇଛି । ଚୀନରେ ନୂଆ ନୂଆ ସହରକୁ ରୋଗ ବ୍ୟାପିବାରେ ଲାଗିଛି । ମାର୍ଚ୍ଚ ୮ ତାରିଖ ଦିନ ଚୀନରେ କୌଣସି ନୂଆରୋଗୀ ବାହାରି ନାହାନ୍ତି ବୋଲି ସମ୍ବାଦ ମିଳିଛି ।

**କିପରି ବ୍ୟାପେ:** ଅନ୍ୟାନ୍ୟ ଭୂତାଣୁମାନଙ୍କ ପରି ଏହା ରୋଗୀର ସ୍ପର୍ଶରେ ଆସିଲେ ବ୍ୟାପେ । ରୋଗୀର ନାକରୁ ବହୁଥିବା ସିଂଘାଣି, କାଶ ଛିଙ୍କର ଜଳକଣା (droplet infection), ହାତ, ଚମ, ପୋଷାକର ସଂସ୍ପର୍ଶରେ ଆସିଲେ ଏହି ରୋଗ ହୋଇଥାଏ । ଭୁତାଣୁ ଯିବାର ୨ରୁ ୧୪ ଦିନ ମଧ୍ୟରେ ରୋଗ ସୃଷ୍ଟି ହୋଇଥାଏ । ଭଲ ହେବା ପରେ ଅନେକ ଦିନ ପର୍ଯନ୍ତ ଦେହରେ ଭୂତାଣୁ ରୁହେ । ଅଧିକାଂଶ ରୋଗୀ ସଂପୂର୍ଣ୍ଣ ଭଲ ହେଲେ ମଧ୍ୟ କିଛି ରୋଗୀଙ୍କ ପାଇଁ ଭେଂଟିଲେସନ ଓ ଅନ୍ୟାନ୍ୟ ଜରୁରୀ ବ୍ୟବସ୍ଥା ଦରକାର ହୁଏ। **ପ୍ରତିକାର:** ଏ ରୋଗ ପାଇଁ କୌଣସି ନିର୍ଦ୍ଦିଷ୍ଟ ଔଷଧ ନାହିଁ। ଲକ୍ଷଣକୁ ଚାହିଁ ଔଷଧ ଦିଆଯାଏ । ବିଭିନ୍ନ ଆଂଟିଭାଇରାଲ ଔଷଧ ଆକ୍ଲୋରଭର ଜାତୀୟ ଦିଆଯାଏ । ପ୍ରଚୁର ଜଳପାନ, ବିଶ୍ରାମ, ଅଧିକ କାଶ ହେଲେ ଆଂଟିବାୟୋଟିକ, ଶ୍ୱାସ କଷ୍ଟ ହେଲେ ଭେଂଟିଲେଟର, ଅମ୍ଳଜାନ, ରକ୍ତ ପ୍ରଦାନ ସ୍ଥଳବିଶେଷରେ ଦିଆଯାଏ । ଏହି ରୋଗ ପାଇଁ କୌଣସି ଭାକସିନ ବାହାରିନାହିଁ । ଆମ ଦେଶରେ ଅନେକ ଦେଶୀୟ ପଦ୍ଧତିରେ ଏହା ଭଲ ହୋଇପାରିବ ବୋଲି କେତେକ ଦାବି କରିଲେଣି । **କଣ କରିବେ:** ରୋଗ ଓ ରୋଗୀଠାରୁ ଦୂରେଇ ରହିବା ପ୍ରଧାନ ପ୍ରତିଷେଧକ ବ୍ୟବସ୍ଥା ଅଟେ । ସଂକ୍ରମିତ ବ୍ୟକ୍ତିର ଭୟ ଥିଲେ ମୁହଁରେ ମାସ୍କ ପିନ୍ଧିବ । ହସପିଟାଲ ଓ ରୋଗୀଙ୍କ ସାହାଯ୍ୟକାରୀମାନଙ୍କ ପାଇଁ ମାସ୍କ ପିନ୍ଧିବା ନିହାତି ଆବଶ୍ୟକ । ହାତରେ ସର୍ବସାଧାରଣ ଟେବଲ, ଲିଫ୍ଟ, ଡୋର ହ୍ୟାଣ୍ଡଲ ଛୁଇଁବ ନାହିଁ । ଟିସୁ କାଗଜ ଧରି ଏସବୁ ଛୁଇଁବ । କାଶୁଥିବା ଲୋକଠାରୁ ଦୂରରେ ରହିବ । ମୁହଁ, ନାକରେ ହାତ ଦେବନାହିଁ। ଘରେ ସବୁବେଳେ ରହିବାକୁ ଚେଷ୍ଟା କରିବ । ଜନଗହଳି ସ୍ଥାନକୁ ଦରକାର ନଥିଲେ ଯିବନାହିଁ । କୌଣସି ସନ୍ଦେହ ହେଲେ ହସପିଟାଲକୁ ଖବର ଦେବ । ନିଜେ ହସପିଟାଲ କି କ୍ଲିନିକକୁ ଯିବନାହିଁ । ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ମହଜୁଦ ରଖିବ । ବାରମ୍ବାର ହାତ ସାବୁନରେ ଧୋଇବ, ସାନିଟାଇଜର, ଆଲକୋହଲିକ ହାତରେ ମାରିବ । ବର୍ତ୍ତମାନ ପାଶ୍ଚାତ୍ୟ ପଦ୍ଧତିରେ ହାତ ନ ମିଳାଇ ଭାରତୀୟ ପଦ୍ଧତିରେ ନମସ୍ତେ କରିବାକୁ ଲୋକମାନଙ୍କୁ କୁହାଯାଉଛି ।

**ରୋଗ ନିରୂପଣ:** ଏହି ରୋଗର ନିରୂପଣ ପାଇଁ ଡିଏନଏ ଟେଷ୍ଟ, ଜିନ୍ ଅନୁଶୀଳନ ଭଳି ଜଟିଳ ପରୀକ୍ଷା ମାଧ୍ୟମରେ ହୋଇଥାଏ । ସେଗୁଡ଼ିକ ଅତ୍ୟାଧୁନିକ ଲାବୋରେଟୋରିରେ ସମ୍ଭବ ହୋଇଥାଏ । ସାଧାରଣରେ ଉପଲବ୍ଧି ହେଲାଭଳି ପରୀକ୍ଷା ଦ୍ୱାରା ରୋଗ ନିରୂପଣ ପାଇଁ ଉଦ୍ୟମ ଚାଲିଅଛି । **ଆତଙ୍କ ଖେଳାଇଥିବା କେତେକ ଭାଇରାଲ ରୋଗ: ସାରସ:** ୨୦୧୨ ମସିହାରେ ଏହା ସାଉଦି ଆରବ ଦେଶରେ ଦେଖାଦେଇ ଅନ୍ୟ ଦେଶକୁ ବ୍ୟାପିଥିଲା । ଏହାର ଭୂତାଣୁ ମଧ୍ୟ କରୋନା ଜାତୀୟ । ଦଶଜଣ ରୋଗୀରେ ଜଣେ ଏହି ରୋଗରେ ମରେ । ସମୁଦାୟ ୭୭୪ ଜଣ ମରିଥିଲେ । **ଇବୋଲା:** ୨୦୧୪ ମସିହାରେ ପଶ୍ଚିମ ଆଫ୍ରିକାରେ ଏହି ରୋଗ ଦେଖାଦେଇଥିଲା । ଏଥିରେ ସର୍ବାଧିକ ଶତକଡା ୭୦ ଜଣ ମରୁଥିଲେ (୧୯୭୬ ମୃତ୍ୟୁସଂଖ୍ୟା) ।

**ରାବିସ ଭାଇରସ:** ପାଗଳା କୁକୁର, ବିଲୁଆ, ମାଙ୍କଡ, ବାଦୁଡିଙ୍କ କାମୁଡାରୁ ମଣିଷକୁ ବ୍ୟାପେ । ଜଳାତଙ୍କ ରୋଗ ବୋଲି ଏହା କେଉଁକାଳରୁ ରହିଅଛି । ଏହି ରୋଗରେ ଶହେରୁ ଶହେ ମରନ୍ତି । ଏଥିପାଇଁ ବାହାରିଥିବା ଟୀକା ନେଲେ ରୋଗରୁ ରକ୍ଷାମିଳେ ।

**ଏଚ.ଆଇ.ଭି.:** ୧୯୮୦ ମସିହାରେ ଏହି ରୋଗ ଜଣାପଡିଲା ପରେ ୩୨୦ ଲକ୍ଷ ଲୋକ ଏହି ରୋଗରେ ମଲେଣି । ଏହା ବିଶ୍ୱର ସବୁଠାରୁ ବଡ ସମସ୍ୟା ରୂପେ ଦେଖାଦେଇଛି । ଆଫ୍ରିକାର କେତେକ ଅଂଚଳ ଏହି ରୋଗରେ ଛାରଖାର ହୋଇଗଲାଣି ।

**ବସନ୍ତ ବା ସ୍ମଲପକ୍ସ:** ଏହା ଦିନେ ମହାମାରୀ ବା କଳାମୃତ୍ୟୁ ରୂପେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲା । ୧୯୮୦ ମସିହାରେ ଟୀକାଦାନ ଦ୍ୱାରା ଏହି ରୋଗ ଲୋପ ହେଲା ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଘୋଷଣା କଲା । କେବଳ ବିଂଶ ଶତାବ୍ଦୀରେ ଏହି ରୋଗରେ ୩୦୦ମିଲିଅନ ଲୋକ ମରିଥିଲେ । ତିନିଜଣରେ ଜଣେ ଏ ରୋଗରେ ମରନ୍ତି । ଆମେରିକା, ଅଷ୍ଟ୍ରେଲିଆ, ଫିଜି, ହାୱାଇ ଦେଶର ଆଦିମ ଅଧିବାସୀ ସଂପୂର୍ଣ୍ଣ ରୂପେ ଏହି ରୋଗରେ ମୂଳପୋଛ ହୋଇଗଲେ ।

**ଇନଫ୍ଲୁଏଞ୍ଜା ଭାଇରସ:** ଅତି ସାଧାରଣ ଫ୍ଲୁ ଜାତୀୟ ରୋଗ ହେଲେ ମଧ୍ୟ ବର୍ଷକୁ ୫ଲକ୍ଷ ରୋଗୀ ବିଶ୍ୱରେ ଏଥିରେ ମରନ୍ତି । ୧୯୧୮ ମସିହାରେ ସ୍ପାନିସ ଫ୍ଲୁ ନାମରେ ବ୍ୟାପି ୫୦ ମିଲିଅନ ଲୋକଙ୍କୁ ମାରିଥିଲା । ଏବେ ଏହାପାଇଁ ସଫଳ ଟୀକା ବାହାରିଛି ।

**ରୋଟା ଭାଇରସ:** ବର୍ଷକୁ ଚାରିଲକ୍ଷ ପିଲା ଝାଡା ହୋଇ ଏଥିରେ ମରନ୍ତି । ଏହାର ସଫଳ ଟିକା ବାହାରିଛି । **ସାରସ kb2002:** ଏହି ରୋଗରେ ୨୦୦୨ ମସିହାରେ ୭୦୦ ରୋଗୀ ମରିଥିଲେ, ୮୦୦୦ ଜଣ ଆକ୍ରାନ୍ତ ହୋଇଥିଲେ।

**Middle east acute respiratory syndrome cov-2012:** ୨୦୧୨ ମସିହାରେ ବ୍ୟାପିଥିବା ଏହି ରୋଗରେ ଶତକଡା ୪୦ ଭାଗ ମରିଥିଲେ । ଏହି ରୋଗ ବିରୁଦ୍ଧରେ ମାନବ ଜାତିର ସଂଗ୍ରାମ ସୃଷ୍ଟିର ଆରମ୍ଭରୁ ଚାଲିଅଛି । ଗୋଟାଏ ରୋଗ ପରାସ୍ତ ହେଲେ ନୂଆରୋଗ ଜନ୍ମ ନେଉଛି । ମାୟାବୀ ଅସୁର ଭଳି ରୂପ ବଦଳାଇ ଦେଇ ମାଡି ଆସୁଛି । ମଣିଷ ଜାତି ଏକଜୁଟ ହୋଇ ତାକୁ ପରାସ୍ତ ଓ ଲୋପ ପାଇଁ ପ୍ରୟାସ କରୁଛନ୍ତି, ଏହାହିଁ ଆମ ପାଇଁ ବଡ ଆଶ୍ୱାସନା ।

**ଡାକ୍ତର ସୁରେନ୍ଦ୍ର ନାଥ ଦାଶ,** ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ମୋ: ୯୪୩୭୨୩୫୩୮୬



ପୃଥିବୀରେ ପ୍ରାୟ ଏଭଳି ଅଜ୍ଞ ଲୋକ ନଥିବେ ଯେଉଁମାନେ ଶ୍ରୀମା, ଶ୍ରୀଅରବିନ୍ଦଙ୍କୁ ଜାଣି ନଥିବେ। ଶ୍ରୀମା ଓ ଶ୍ରୀ ଅରବିନ୍ଦ ନୂତନ ଅତିମାନସ ଯୁଗର ଶେଷ ଅବତାର। ଓଡ଼ିଶା କାହିଁକି ସମଗ୍ର ଭାରତ ବର୍ଷରେ ଶ୍ରୀମା ଓ ଶ୍ରୀ ଅରବିନ୍ଦଙ୍କ ଯୁଗ୍ମାବତାର ଓ ଦିବ୍ୟ ଜୀବନାଲେଖ୍ୟ ସଂପର୍କରେ ପ୍ରାୟ ସମସ୍ତେ ଅଳ୍ପ ବହୁତେ ଜାଣନ୍ତି। ତେବେ ଶ୍ରୀମାଙ୍କର ଜନ୍ମ ତିଥି ୨୧ ଫେବୃଆରୀ। ମା'ଙ୍କର ପୂର୍ବ ଜୀବନ ଥିଲା ଅଲୌକିକ ଓ ରହସ୍ୟମୟ। ତେବେ ଏ ସଂପର୍କରେ ମା'ନିଜେ କେବେ ଆଲୋଚନା କରିବାକୁ ପସନ୍ଦ କରିନାହାନ୍ତି। ତେବେ ୧୯୨୦ରେ ସେତେବେଳେ ସେ ଗୋଟିଏ ଚିଠିରେ ଯାହା ଲେଖିଥିଲେ ତା'ର ମର୍ମାନୁବାଦ ଏହିପରି : 'ତୁମେ ଜାଣିବାକୁ ଚାହିଁଥିଲ ଯେ କେତେବେଳେ କେଉଁ ଭାବରେ ମୋର ପ୍ରଥମ ଅବଗତି ହେଲା ଯେ, ଜଗତରେ ବିଶେଷ କେଉଁ ଭଗବତ୍ କର୍ମ ସଂପାଦନ କରିବା ଉଦ୍ଦେଶ୍ୟରେ ମୁଁ ପ୍ରେରିତ ହେଲି ଆଉ ଶ୍ରୀ ଅରବିନ୍ଦଙ୍କ ସଂଧାନ ପାଇଲି.... ତା'ର ସଂକ୍ଷିପ୍ତ ଉତ୍ତର ମୁଁ ଲେଖୁଛି।' ପ୍ରକୃତରେ ମୋର ଅଭୀଷ୍ଟ କର୍ମ ସଂପର୍କରେ ପ୍ରଥମେ ଜ୍ଞାନ ଅଭ୍ୟୁଦୟ ହେଲା ତାହା ବକ୍ତବ୍ୟରେ ପ୍ରକାଶ କରିବା ଅତି କଠିନ। ମୋର ମନେ ହୁଏ, ଏହି ଚେତନାକୁ ନେଇ ମୁଁ ଜନ୍ମ ଗ୍ରହଣ କରିଥିଲି ଏବଂ କ୍ରମେ ମୋର ମନର ପୂର୍ଣ୍ଣତା ସହିତ ଏହି ଚେତନାର ପରିସ୍ଫୁଟନ ହୋଇ ସ୍ୱୟଂ ସଂପୂର୍ଣ୍ଣ ଅବସ୍ଥାରେ ଉପଗତ ହେଲା। ଏଗାର ବର୍ଷରୁ ତେର ବର୍ଷ ମଧରେ ମୋ ଭିତରେ ଅଦ୍ଭୁତ ଆଧାତ୍ମିକ ଅନୁଭୂତି ଜାଗ୍ରତ ହେଲା। ମୁଁ କେବଳ ଈଶ୍ୱରଙ୍କର ଅସ୍ତିତ୍ୱ ସଂପର୍କରେ ଚେତନାସିକ୍ତ ହେଲି ତା'ନୁହେଁ ବରଂ ଅନୁଭବିଲି ଈଶ୍ୱରଙ୍କ ସହିତ ମଣିଷର ମିଳନ ହେବା ମଧ ସଂଭବ। ମଣିଷର ଚେତନାରେ ଓ କର୍ମରେ ତା'ର ଅଭିବ୍ୟକ୍ତିର ପୂର୍ଣ୍ଣତା ମିଳିବା ମଧ ସଂଭବ। ଦିବ୍ୟ ଜୀବନ ଲାଭ ଦ୍ୱାରା ତାଙ୍କର ଦିବ୍ୟାନୁଭୂତି କେବଳ ନୁହେଁ ତାଙ୍କୁ ପାଇବା ମଧ ସଂଭବ। ଭାରତ ବର୍ଷକୁ ମୁଁ ମୋର ମାତୃଭୂମି ବୋଲି ସର୍ବଦା ଭଲ ପାଇ ଆସିଛି। ୧୯୧୪ ମସିହାରେ ଭାରତକୁ ଆସିବାର ପ୍ରଥମ ସୌଭାଗ୍ୟ ଘଟିଥିଲା। ଶ୍ରୀ ଅରବିନ୍ଦଙ୍କୁ ଦେଖିବା ମାତ୍ରେ ହିଁ ମୁଁ ଚିହ୍ନି ପାରିଲି। ତାଙ୍କୁ ଦେଖିବା ମାତ୍ରେ ମୁଁ ଜାଣିପାରିଲି ଏଇ ହେଉଛନ୍ତି 'ଯାହାଙ୍କୁ ମୁଁ ଏତେଦିନ ଯାଏ ଖୋଜି ଆସିଥିଲି - ଯାହାଙ୍କୁ କୃଷ୍ଣ ବୋଲି ଡାକି ଆସିଛି।'

୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ପଣ୍ଡିଚେରୀ ଆସି ଆଶ୍ରମ ଜନନୀ ଶ୍ରୀମା ଭାବେ ପରିଚିତ ହେଲି। ୧୯୨୨ ମସିହା ନଭେମ୍ବର ୨୪ ତାରିଖରେ ଶ୍ରୀ ଅରବିନ୍ଦ ଅଧିମାନସ ସିଦ୍ଧିଲାଭ କଲେ। ସେହିଦିନ ଠାରୁ ସେ ଆଶ୍ରମର ସବୁ କିଛି ଦାୟିତ୍ୱ ଶ୍ରୀମା'ଙ୍କୁ ଦେଇ ଅତି ମାନସ ସାଧନାରେ ବ୍ରତୀ ହେଲେ। ସେହିଦିନ ଠାରୁ ମୀରା (ଶ୍ରୀ ଅରବିନ୍ଦଙ୍କ ଦ୍ୱାରା ଦିଆଯାଇଥିବା ନାମ)ରୁ ସମସ୍ତଙ୍କ ପାଖରେ ଶ୍ରୀମା ଭାବେ ପରିଚିତ ହେଲେ। ୧୯୫୦ ଡିସେମ୍ବର ୫ ତାରିଖରେ ଶ୍ରୀ ଅରବିନ୍ଦଙ୍କ ଦେହାବସାନ ଘଟିଲା। ଏହାପରେ ଆଶ୍ରମର ସମସ୍ତ ଦାୟିତ୍ୱ ନ୍ୟସ୍ତ ହେଲା ଶ୍ରୀମା'ଙ୍କ ଉପରେ ଏବଂ ତାଙ୍କରି ମାନସ ସନ୍ତାନ ରୂପେ ଜନ୍ମ ନେଲା 'ଶ୍ରୀ ଅରବିନ୍ଦ ଅନ୍ତର୍ଜାତିକ ଶିକ୍ଷା କେନ୍ଦ୍ର' ୧୯୫୧ ମସିହା ଏପ୍ରିଲ ୨୪ରେ। ୧୯୫୬ ଫେବୃଆରୀ ୨୯ ତାରିଖ ଶ୍ରୀମା'ଙ୍କ ଜୀବନର ପରମଲଗ୍ନ। ପୃଥିବୀ ଇତିହାସରେ ଗୋଟିଏ ଚିରସ୍ମରଣୀୟ ଦିବସ ଯାହାକୁ ପ୍ରତି ଚାରି ବର୍ଷ ଅନ୍ତରରେ ସୁବର୍ଣ୍ଣସ୍ତବ ଦିବସ ହିସାବରେ ପାଳନ କରାଯାଉଛି। ୧୯୫୬ ମସିହା ଏପ୍ରିଲ ୪ରେ ମା'ଘୋଷଣା କଲେ 'ପୃଥିବୀ କକ୍ଷରେ ଅତିମାନସର ଆବିର୍ଭାବ ବର୍ତ୍ତମାନ କେବଳ ସମ୍ଭାବନା ମାତ୍ର ନୁହେଁ, ତାହା ବାସ୍ତବ ଓ ଜୀବନ୍ତ ରୂପେ ଏଠାକୁ ଓହ୍ଲାଇ ଆସିଛି।' ବହୁଦିନ ପୂର୍ବରୁ ମା'ଙ୍କ ମନରେ ପରିକଳ୍ପନା ଥିଲା ଗୋଟିଏ ଆଦର୍ଶ ସମାଜ ଗଢ଼ି ତୋଳିବାକୁ, ଯେଉଁଠି ଏକ ନୂତନ ମାନବଜାତିର ଭାଗବତ ବିକାଶ ଘଟିବ। ତା'ର ପରିକଳ୍ପନାର ରୂପାନ୍ତର ହେଲା 'ଅରୋଭିଲ ନଗରୀ ପ୍ରତିଷ୍ଠା'। ଏବଂ ଏହି ନଗରୀର କେନ୍ଦ୍ରରେ ନିର୍ମିତ ହେଲା 'ମାତୃ ମନ୍ଦିର' ଯେଉଁଠି ଏକ ପ୍ରସ୍ତର ଫଳକରେ ମା'ଙ୍କ ବାଣୀ ଉଲ୍ଲିଖିତ ହେଲା। 'ଯେଉଁମାନେ ଭବିଷ୍ୟତ ପରାଜ୍ଞାନକୁ, ଶାନ୍ତି ଓ ସଂହତିକୁ ତ୍ୱରାନ୍ୱିତ କରିବାକୁ ଚାହାନ୍ତି, ଅରୋଭିଲ ସେମାନଙ୍କ ପାଇଁ ହିଁ ଉଦ୍ଦିଷ୍ଟ'। ଶ୍ରୀ ଅରବିନ୍ଦଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଶ୍ରୀମା'ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଳନ ହୋଇଥିଲା। ବିଶ୍ୱ ଚେତନାର ଉତ୍ତରଣ କ୍ଷେତ୍ରରେ ଏହା ଥିଲା ଏକ ମହତ୍ତ୍ୱପୂର୍ଣ୍ଣ ସମୟ। ଏହାପରେ ଶ୍ରୀମା ୧୯୭୩ ନଭେମ୍ବର ୧୭ ତାରିଖରେ ନିଜସ୍ୱ ନିଷ୍ପତ୍ତି ଅନୁଯାୟୀ ନିଜର ସ୍ଥୁଳ ଶରୀର ତ୍ୟାଗ କରି ଅନ୍ତରାଳକୁ ଯାତ୍ରା କଲେ। ସ୍ଥୁଳ ଶରୀର ତ୍ୟାଗ କରି ମଧ ସୂକ୍ଷ୍ମ ଶରୀରରେ ରହି ସେ ଏ ଜଗତରେ ଆରମ୍ଭ କରିଥିବା ନିଜର ସମସ୍ତ କାର୍ଯ୍ୟକୁ ପରିଚାଳନା କରୁଛନ୍ତି ବୋଲି ଶ୍ରୀ ଅରବିନ୍ଦ ଆଶ୍ରମର ସାଧକମାନେ ନିଜ ନିଜ ଅନୁଭୂତି ଓ ଉପଲବ୍ଧିରୁ ପ୍ରକାଶ କରୁଛନ୍ତି। ଆଜି କେବଳ ଓଡ଼ିଶା ବା ଭାରତ ନୁହେଁ ସମଗ୍ର ପୃଥିବୀରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନୁଗାମୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଦିବ୍ୟମୟୀ ଶ୍ରୀମା ଆଜି ଧରାଧାମରେ ମାନବ ଶରୀରରେ ନଥିଲେ ବି ସେ ଆଧାତ୍ମିକ ଚେତନାରେ ସମସ୍ତଙ୍କ ଉପରେ କୃପା ବର୍ଷଣ କରୁଛନ୍ତି। ସମସ୍ତେ ଯିଏ ଯେଉଁଠି ବା ଯେଉଁକ୍ଷେତ୍ରରେ ବି ଶ୍ରୀମାଙ୍କ ଆଶୀର୍ବାଦ କାମନା କରୁଛନ୍ତି ସେମାନେ ନିଜ ନିଜ ସ୍ତରରେ ମାଆଙ୍କ କୃପା ପାଉଛନ୍ତି। ସେହି ଦିବ୍ୟମୟୀ ମାଆଙ୍କ କୃପା ସମସ୍ତଙ୍କ ଉପରେ ବର୍ଷଣ ହେଉ ଏହା ହିଁ କାମନା।

**ଡାକ୍ତର ମଦନମୋହନ ସାହୁ,** ଅସ୍ଥିଶଲ୍ୟ ବିଶେଷଜ୍ଞ, ମାତୃଭବନ, କଟକ

## ଓଡ଼ିଶା ଅଭିଭାବକ ମହାସଂଘର ଏତଲା ପରେ ପ୍ରାଇଭେଟ ସ୍କୁଲ୍‌ରେ ବହି ବିକ୍ରି ବନ୍ଦ ରହିଲା

ଭୁବନେଶ୍ୱର (ପିଏନ୍): କରୋନାର କରାଳ ପ୍ରଭାବକୁ ଲକ୍ଷ୍ୟ କରି ରାଜ୍ୟ ସରକାର ସବୁ ସ୍କୁଲ୍‌ଗୁଡ଼ିକୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସଦାସର୍ବଦା ଅଭ୍ୟାସଗତ ଆଇନ୍ ଉଲଂଘନକାରୀ ପ୍ରାଇଭେଟ ସ୍କୁଲ୍‌ମାନେ ଏହି ସମୟକୁ ସୁବର୍ଣ୍ଣସୁଯୋଗ ଭାବି ସ୍କୁଲ୍ ପରିସରରେ ବହି ବିକ୍ରି କରୁଛନ୍ତି। ମହାସଂଘ ଏହି କ୍ରମରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଫେରାଦ ହୋଇଥିଲ। ଜିଲ୍ଲାପାଳ ମଧ ଡ଼ି.ଇ.ଓ. ଏବଂ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସ୍କୁଲ୍ ବନ୍ଦ କରିବା ସହିତ ବହି ବିକ୍ରିକୁ ବନ୍ଦ କରିବାକୁ ତଦାରଖ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ଓଡ଼ିଶା ଅଭିଭାବକ ମହାସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱରର ସମସ୍ତ ଏ.ସି.ପି. ଓ ଆଇ.ଆଇ.ସି.ମାନଙ୍କୁ ଭେଟି ଆଇନ୍ ଉଲଂଘନକାରୀ ପ୍ରାଇଭେଟ ସ୍କୁଲ୍‌ମାନଙ୍କ ବିରୋଧରେ, ଏତଲା ଦେଲା ପରେ ସ୍କୁଲ୍‌ମାନଙ୍କୁ ଥାନା ଅଧିକାରୀ ତାଗିଦ କରିବା ପରେ ପୁସ୍ତକ ବିକ୍ରି ବନ୍ଦ କରାଯାଇଥିଲା। ଯଦି ଏପରି କରନ୍ତି ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଥାନା ଅଧିକାରୀମାନେ ମଧ କହିଛନ୍ତି। ପ୍ରକାଶଥାଉକି ପ୍ରାଇଭେଟ ସ୍କୁଲ୍‌ମାନେ ବିଭିନ୍ନ ପ୍ରାଇଭେଟ ପବ୍ଲିକେଶନର ବହି ଗୁଡ଼ିକ ଏନ୍‌ସିଇଆରଟି ମୂଲ୍ୟଠାରୁ ବହୁଗୁଣା ଚଢ଼ା ଦରରେ ବିକ୍ରି କରିବା ସହିତ ଅଭିଭାବକମାନଙ୍କୁ ଆର୍ଥିକ ଶୋଷଣ ଓ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟଧିକ ବସ୍ତାନୀ ବୋଝ ପାଇଁ ବାଧ କରିବାରୁ ମହାସଂଘ ବହୁଦିନ ଧରି ଏ ସଂକ୍ରାନ୍ତରେ ସ୍ୱର ଉତ୍ତୋଳନ କରିଆସୁଛି। ପ୍ରାଇଭେଟ ସ୍କୁଲ୍‌ମାନେ ମଧ ଅଯଥାରେ ଅଭିଭାବକମାନଙ୍କୁ ଚଢ଼ା ଦରରେ ଖାତା, କଲମ, ଡ୍ରେସ୍ ଓ ଅନ୍ୟାନ୍ୟ ପଠନ ସାମଗ୍ରୀ କିଣିବାକୁ ଅଭିଭାବକମାନଙ୍କୁ ଏକ ପ୍ରକାର ବାଧ କରୁଛନ୍ତି ଏବଂ ଧମକ ଦେଉଛନ୍ତି। ଏହି କ୍ରମରେ ମହାସଂଘ ସେମାନଙ୍କଠାରୁ ପୁସ୍ତକ ଓ ଅନ୍ୟାନ୍ୟ ସାମଗ୍ରୀ ନ କଣିବାକୁ ଅଭିଭାବକମାନଙ୍କୁ ଅନେକବାର ନିବେଦନ କରିଆସୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ସରକାରଙ୍କ କଡ଼ା ନିର୍ଦ୍ଦେଶକୁ ବେଖାତିର କରି ସ୍କୁଲ୍‌ମାନେ ଅଭିଭାବକମାନଙ୍କୁ ବହି କିଣିବାକୁ କହିବା ଓ ଅଭିଭାବକମାନେ ସ୍କୁଲ୍‌ରେ ଏକତ୍ରିତ ହେବା କ'ଣ କରୋନା ଆଡ଼ଭାଇଜରିର ଉଲଂଘନ କରୁନାହିଁ କି ? ତେଣୁ ଅଭିଭାବକମାନେ ମଧ ସଚେତନ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି। ପ୍ରାଇଭେଟ ସ୍କୁଲ୍‌ମାନେ ଆରଟିଇ ନିୟମ ୨୦୦୯, ୭୫ ଜେ.ଜେ. ଆକ୍ଟ ଓ ସମ୍ବିଧାନରେ ଧାରା ୨୧(ଏ)କୁ ସମ୍ପୂର୍ଣ୍ଣ ଉଲଂଘନ କରୁଛନ୍ତି। ଅଭିଭାବକମାନେ ମହାସଂଘ ମଧ ଏତଲାରେ ଏହି ସବୁକୁ ଅଭିଯୋଗ କରୁଛି। ଏହି ପ୍ରତିନିଧି ଦଳରେ ଅଧକ୍ଷ ବାସୁଦେବ ଭଟ୍ଟ, ସହ-ଅଧକ୍ଷ ଭୂମୋହନ ପଟ୍ଟନାୟକ, ଶଙ୍କର ସାମନ୍ତରାୟ, ଦେବାଶିଷ ବସନ୍ତିଆ, ନନ୍ଦକିଶୋର ମଲ୍ଲିକ, ଶିଶିର ସାହୁ, ରମେଶ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ।

## ଲିଙ୍ଗରାଜ ମନ୍ଦିରଠାରେ କରୋନା ସଚେତନତା



ଭୁବନେଶ୍ୱର (ପିଏନ୍): ଶ୍ରୀଲିଙ୍ଗରାଜ ମନ୍ଦିରକୁ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆସୁଥିବାରୁ ପର୍ଯ୍ୟଟକ ଓ ସେବାୟତମାନଙ୍କୁ କରୋନା ସମ୍ପର୍କରେ ସଚେତନତା କରାଯାଇଛି। ମାକ୍ସ ବ୍ୟବହାର କରିବା, ବାରମ୍ବାର ହ୍ୟାଣ୍ଡୱାସ୍‌ରେ ହାତ ସଫା କରିବା, ଭିଡ଼ରୁ ଦୂରେଇ ରହିବା ନେଇ ସତର୍କତା କରାଯାଇଥିଲା। ଶାନ୍ତି ଫାଉଣ୍ଡେସନ୍ ଓ ଭାରତୀୟ ଗଣତାନ୍ତ୍ରିକ ମାନବ ଅଧିକାର ସୁରକ୍ଷା ସଂଗଠନ (ପିଡିଏଚ୍‌ଆର୍‌ଆଇ) ଭୁବନେଶ୍ୱର ଶାଖା ପକ୍ଷରୁ ମନ୍ଦିର ସିଂହଦ୍ୱାରଠାରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପିଡିଏଚ୍‌ଆର୍‌ଆଇର କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ, ଭୁବନେଶ୍ୱର ଶାଖା ସଂଯୋଜକ ତଥା ଶାନ୍ତି ଫାଉଣ୍ଡେସନ୍‌ର ସମ୍ପାଦକ ସଞ୍ଜୟ କୁମାର ପରିଡ଼ା, ଉପଦେଷ୍ଟା ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ବିଶ୍ୱଜିତ ସାହୁ, ରୋଜାଲିନ ମିଶ୍ର, ବରୁଣ କୁମାର ପ୍ରମୁଖ ସାମିଲ ହୋଇ ମାକ୍ସ ବଣ୍ଟନ କରିବା ସହିତ କରୋନା ପରି ମାରାତ୍ମକ ଜୀବାଣୁରୁ ରକ୍ଷା ପାଇବା ପାଇଁ ସଚେତନ କରିଥିଲେ।

## ଇନରହୁଇଲ୍ କ୍ଲବ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ଇନରହୁଇଲ୍ କ୍ଲବ ପକ୍ଷରୁ ଚୋରମୁହାଁ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ଓ ପ୍ରଧାନଶିକ୍ଷକ ଶାନ୍ତନୁ କୁମାର ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ସାମାଜରେ ମହିଳାମାନଙ୍କ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ସେମାନଙ୍କ ଉଲ୍ଲେଖନୀୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। କ୍ଲବର ସଭାନେତ୍ରୀ କଳ୍ପନା ପରିଡା ଓ ସମ୍ପାଦିକା ଲୋପାମୁଦ୍ରା ଷଣ୍ଢ ମହିଳା ଦିବସ ପାଳନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟା, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା, ଆଶା ଓ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।

## କାଏମା ମେଳଣ ଉଦଯାପିତ

ଧର୍ମଶାଳା (ପିଏନ୍):ଧର୍ମଶାଳା ବ୍ଲକ ଅଞ୍ଚଳର ଅନ୍ୟତମ ପୁରାତନ କାଏମା ମେଳଣ ଉଦ୍‌ଯାପିତ ହୋଇଯାଇଛି। କାଏମା ଗୋପୀନାଥ ଜୀଉ ମେଳଣ କମିଟି ଆନୁକୁଲ୍ୟରେ ଆୟୋଜିତ ୧୨୮ତମ ମେଳଣ ଉତ୍ସବରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ପ୍ରଭାତ ବଳବନ୍ତରାୟ ଯୋଗଦେଇ ନବନିର୍ମିତ ହାଟ ପିଣ୍ଡିକୁ ଉଦ୍‌ଘାଟନ କରିଥିଲେ। ବଡକାଏମା ପଞ୍ଚାୟତ ସରପଞ୍ଚ ଅକ୍ରୁର ଚରଣ ନାୟକ ଓ ସମିତିସଭ୍ୟା କବିତା ସାମଲ ଯୋଗ ଦେଇଥିଲେ । ସଂଧ୍ୟାରେ ଗୀତ ସାଗର ମେଲୋଡି ପକ୍ଷରୁ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳ ସମୟରେ ରାଧାକୃଷ୍ଣ ବିମାନ ମିଳନ ଅନୁଷ୍ଠିତ ହୋଇଥିଲା। ବାଜାବାଣ ରୋଷଣୀରେ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ନେଇ ଠାକୁରବାଡିଆମାନେ ବଜାରରେ ଫଗୁ ଖେଳିବା ସହ ଭଜନ କୀର୍ତ୍ତନ କରିଥିଲେ। ପ୍ରଥମେ ଥାନପତି ଭାବରେ ଗୋପୀନାଥ ଜୀଉ ବିଜେ କରିଥିଲେ। ପରେ ଗୋଟିଏ ପରେ ଗୋଟିଏ ବିମାନ ମଣ୍ଡପ ନିକଟରେ ପହଞ୍ଚିବା ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ଛୋଟ ବଡ ୩୦ଟି ଦୋଳବିମାନ ମେଳଣରେ ଯୋଗ ଦେଇଥିଲେ। କମିଟି ପକ୍ଷରୁ ସଭାପତି ଯୁଧିଷ୍ଠିର ମହାନ୍ତି, ବସନ୍ତ ସାହୁ, ପଦ୍ମନାଭ ସାହୁ, କ୍ଷେତ୍ରବାସୀ ସେନାପତି, କୁଳମଣି ସ୍ୱାଇଁ, ତପନ କିଶୋର ଷଡଙ୍ଗୀ, ପ୍ରଦୀପ୍ତ ମହଲା, ଧ୍ରୁବ ଚରଣ ପୃଷ୍ଟି, ମଧୁସୁଦନ ସାହୁ, ମନୋଜ ମହାରଣା ଓ ସନ୍ତୋଷ ସେଠୀ ପ୍ରମୁଖ ମେଳଣ ପରିଚାଳନା କରିଥିଲେ।

## କରୋନା ପାଇଁ ସର୍ବଭାରତୀୟ ଅଧିବେଶନ ସ୍ଥଗିତ

ଭୁବନେଶ୍ୱର (ପିଏନ୍): କରୋନା ପାଇଁ ଭୁବନେଶ୍ୱରରେ ଏପ୍ରିଲ ମାସର ପ୍ରଥମ ସପ୍ତାହରେ ହେବାକୁ ଥିବା ସର୍ବଭାରତୀୟ ମାନବ ଅଧିକାର ସୁରକ୍ଷା ଅଧିବେଶନକୁ ସ୍ଥଗିତ ରଖାଯାଇଛି। ଭାରତୀୟ ଗଣତାନ୍ତ୍ରିକ ମାନବ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ହେବାକୁ ଥିବା ଏହି ଅଧିବେଶନ ବଦଳରେ ସଭ୍ୟ ମାନଙ୍କ ପକ୍ଷରୁ କରୋନା ପାଇଁ ସଚେତନତା କାର୍ଯ୍ୟ ଆରମ୍ଭ କରାଯିବ। ସଂଗଠନର କେନ୍ଦ୍ରୀୟ ସଭାପତି ପ୍ରଦୀପ ଦୁବେଙ୍କ ସହ କେନ୍ଦ୍ରୀୟ ସଚିବ ଲିଙ୍ଗରାଜ ସାହୁ ଓ ରାଜ୍ୟ ସଭାପତି ଗଦାଧର ଦାସ ଆଲୋଚନା କରି ଏହି ଅଧିବେଶନକୁ ସ୍ଥଗିତ ଘୋଷଣା କରିଛନ୍ତି। ଏବେ କେବଳ କରୋନା ପାଇଁ ବିଭିନ୍ନ ସତର୍କ କରାଯିବା କାର୍ଯ୍ୟକ୍ରମ କରାଯିବ ବୋଲି କୁହାଯାଇଛି।

କରୋନା ପରି ମାରାତ୍ମକ ଜୀବାଣୁରୁ ରକ୍ଷାପାଇବା ପାଇଁ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଥିବା ସତର୍କତା ଅବଲମ୍ବନ କରିବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି।




# କରୋନା ଭୟ: ବାଲେଶ୍ୱର ବନ୍ଦ ୧୦ ବ୍ୟବସାୟୀକ ପ୍ରତିଷ୍ଠାନ

ବାଲେଶ୍ୱର(ପିଏନ)-ଚାରିଆଡ଼େ ଘାରିଛି କରୋନା ଭୟ । କରୋନା ମୁକାବିଲାକୁ ନେଇ ଜିଲ୍ଲାରେ ଆଗୁଆ ସତର୍କତା । ଜିଲ୍ଲାରେ ଥିବା ବିଭିନ୍ନ ବ୍ୟବସାୟୀ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରଖିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ।ଜନଗହଳିସ୍ଥାନ ଗୁଡ଼ିକଠାରୁ ଯଥେଷ୍ଟ ଦୂରତା ଅବଲମ୍ବନ ପାଇଁ ଜିଲ୍ଲାପାଳ କେ ସୁଦର୍ଶନ ଚର୍କବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି । ବାଲେଶ୍ୱର ସହରର ପ୍ରଥମ ପର୍ଯ୍ୟାୟରେ ୧୦ଟି ବ୍ୟବସାୟୀ ପ୍ରତିଷ୍ଠାନ ଚିହ୍ନଟ କରିବା ସହ ସେଗୁଡ଼ିକୁ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ସେହି ବନ୍ଦ ହେବାକୁ ଥିବା ବ୍ୟବସାୟୀ ପ୍ରତିଷ୍ଠାନ ଗୁଡ଼ିକ ହେଲା ଷ୍ଟେସନଛକର ରିଲାଏନ୍ସ ସ୍ମାର୍ଟ , ସିନେମା ଛକର ରିଲାଏନ୍ସ ଡିଜିଟାଲ,ଚିଡ଼ିଆପୋଲ ପାଖରେ ଥିବା ସିଟିଲାଇଫ୍, ବିଗ୍‌ମାର୍ଟ, ରୁପମନ୍ଦିର, ରାମବାବୁ, ଫେସନଜୋନ୍,ମୋତିଗଞ୍ଜ ବଜାରରେ ଥିବା ଶ୍ରୀମନ୍ଦିର, ସହଦେବଖୁଣ୍ଟାରେ ଥିବା ୱେଲସନ୍‌ମାର୍ଟ ଓ ବାଲେଶ୍ୱର ବଜାର । ଜିଲ୍ଲାପାଳଙ୍କ ଚିଠିନମ୍ବର ୪୬୭୫/୧୬୩୨୦ ମୂଳେ ଏହି ସବୁ ବ୍ୟବସାୟୀ ପ୍ରତିଷ୍ଠାନ ଗୁଡ଼ିକ ତୁରନ୍ତ ବନ୍ଦ ରଖିବାପାଇଁ ନିର୍ଦ୍ଦେଶ ହୋଇଛି । ସେହିପରି ଆଗାମୀ ଦିନରେ ଭିଡ଼ ଜମୁଥିବା ଦୋକାନଗୁଡ଼ିକ ବିଡ଼ିଓ ଓ ତହସିଲଦାର ତଦନ୍ତ କରି ରିପୋର୍ଟ ପ୍ରଦାନ କଲେ ସେସବୁ ବନ୍ଦ ପାଇଁ ନିର୍ଦ୍ଦେଶ ଦିଆଯିବ । ଏହାସହ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଲଗାତରଭାବେ ବିଭିନ୍ନ ସ୍ଥାନରେ ତଦାରଖ କରିବେ । କଳାବଜାରି ହେଉଛି ମାସ୍କ ଓ ସାନିଟାଇଜନ୍ । ଆବଶ୍ୟକ ହେଲେ ସହରରେ ୧୪୪ଧାରା ଜାରି ହେବବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ଇମାମୀ ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ କମିଯାଇଛି । ସିଂହଦ୍ୱାରରେ ବଣ୍ଟାଯାଉଥିବା ଖେଚୁଡ଼ି, ପ୍ରସାଦ ବନ୍ଦ କରାଯାଇଥିବା ବେଳେ ଟଙ୍କତୋରାଣି ମଧ ବନ୍ଦ କରାଯାଇଛି ।

ବାଲେଶ୍ୱର ଅନ୍ତରାଜ୍ୟ ପ୍ରବେଶ ଦ୍ୱାର ଭାବେ ପରିଗଣିତ ଫଳରେ ଏଠାରେ ବିଭିନ୍ନ ରାଜ୍ୟ ଏମିତିକି ବିଭିନ୍ନ ଦେଶର ପର୍ଯ୍ୟଟକମାନେ ଆସୁଥିବାବେଳେ ସ୍ଥାନୀୟ ହୋଟେଲ ଓ ଗେଷ୍ଟହାଉସ୍‌ରେ ରୁହନ୍ତି । ସେଦୃଷ୍ଟିରୁ ପର୍ଯ୍ୟଟନ ବିଭାଗପକ୍ଷରୁ ସହରର ବିଭିନ୍ନ ହୋଟେଲ ଆସୋସିଏସନ ଓ ଗେଷ୍ଟହାଉସ୍ କର୍ତ୍ତୃପକ୍ଷଙ୍କ ପାଇଁ ଚିଠିମାଧ୍ୟମରେ ନିର୍ଦ୍ଦେଶନାମା ଜାରି କରାଯାଇଛି । ସମ୍ପୃକ୍ତ ଅଧିକାରୀଙ୍କୁ ବାହାରୁ ଆସୁଥିବା ବ୍ୟକ୍ତିବିଶେଷ ତଥା ଅତିଥିଙ୍କ ସୂଚନା ଦେବା ସହ କରୋନା ବାବଦରେ ସେମାନଙ୍କୁ ସଚେତନ କରାଯିବାକୁ କୁହାଯାଇଛି । ସେହିପରି ବିଦେଶୀ ପର୍ଯ୍ୟଟକ ଆସିଲେ ତୁରନ୍ତ ପୁଲିସ୍‌ଷ୍ଟେସନ, ପ୍ରଶାସନିକ ଅଧିକାରୀ ତଥା ପର୍ଯ୍ୟଟନ କାର୍ଯ୍ୟାଳୟକୁ ସୂଚନା ଦେବା ସହ ତାଙ୍କର ଡାକ୍ତରୀ ପରୀକ୍ଷା କରାଯିବା ଉପରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ରହିଥିବା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜଣାଇଛନ୍ତି । ମାତ୍ର କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଯାତ୍ରୀ ପରିବହନ ଉପରେ ସରକାର କଟକଣା ଜାରି କରିଥିଲେ ମଧ ସରକାରୀ ନିୟମକୁ ଖୋଲାଖୋଲି ଭାବେ ଉଲଘଂନ କରାଯାଉଥିବା ଦେଖିବାକୁ ମିଳିଛି । ଯାତ୍ରୀବାହୀ ଗାଡ଼ିଗୁଡ଼ିକ ସିଟ୍ ସଂଖ୍ୟାଠାରୁ ଅଧିକ ଯାତ୍ରୀ ନେଇପାରିବେନି ବୋଲି ନିର୍ଦ୍ଦେଶ ରହିଛି । ମାତ୍ର ସହରରୁ ଗ୍ରାମାଞ୍ଚଳକୁ ଯାଉଥିବା ଛୋଟ ଯାତ୍ରୀବାହୀ ଗାଡ଼ି ଏପରିକି ଅଧିକାଂଶ ବସରେ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ଯାତ୍ରୀ ନିଆଯାଉଛି । ଜିଲ୍ଲା ପ୍ରଶାସନର ନଜର ତାଉପରେ ନାହିଁ ।

# ଗଣମାଧ୍ୟମ ବିରୋଧରେ କଂଗ୍ରେସ ନେତ୍ରୀଙ୍କ ହୀନ ମନ୍ତବ୍ୟ : ଦୃଢ ନିନ୍ଦା କଲା ଧର୍ମଶାଳା ପ୍ରେସ୍ କ୍ଲବ

ଧର୍ମଶାଳା, ୧୬/୦୩(ପିଏନ୍): ଗଣମାଧ୍ୟମ ବିରୋଧରେ ଧର୍ମଶାଳା କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହିଙ୍କ ହୀନ ମନ୍ତବ୍ୟକୁ ଦୃଢ ନିନ୍ଦା କରିଛି ଧର୍ମଶାଳା ପ୍ରେସ କ୍ଲବ୍। ବିଛାଖଣ୍ଡି ପାହାଡରେ ଚାଲିଥିବା ବେଆଇନ ବ୍ଲାଷ୍ଟିଂକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ସାମିଲ ହୋଇଥିଲେ ସ୍ମୃତିରେଖା। ତେବେ ଗତକାଲି ଏକ ନିର୍ଦ୍ଦିଷ୍ଟ ୱେବ୍ ଚ୍ୟାନେଲ୍‌ରେ ବିଛାଖଣ୍ଡି ପାହାଡରେ ଚାଲିଥିବା ଅନିୟମିତାକୁ ନେଇ ବିବୃତ୍ତି ଦେବା ସମୟରେ



ଗଣମାଧ୍ୟମ ବିରୋଧରେ କଟୁ ମନ୍ତବ୍ୟ ପ୍ରଦାନ କରିଥିଲେ। ଏନେଇ ଆଜି ଧର୍ମଶାଳା ପ୍ରେସ୍ କ୍ଲବର ସାମ୍ବାଦିକମାନେ ଏହାକୁ ତୀବ୍ର ବିରୋଧ କରିବା ସହ ନିନ୍ଦା ପ୍ରସ୍ତାବ ଆଗତ କରିଛନ୍ତି। ପ୍ରେସ୍ କ୍ଲବ ସଭାପତି ଇନ୍ଦ୍ରମଣି ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡା, ସାଧାରଣ ସଂପାଦକ ପୂର୍ଣ୍ଣଚନ୍ଦ୍ର ଶତପଥୀ, ସହସଂପାଦକ ସୀତାକାନ୍ତ ସାମଲ, ସଂଗଠନ ସଂପାଦକ ଅବିନେଶ୍ୱର ଶତପଥୀ, କୋଷାଧ୍ୟକ୍ଷ ମାନସ ରଂଜନ ଜେନା, ସାମ୍ବାଦିକ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ଅଖିଳ କୁମାର ସ୍ୱାଇଁ, ଅକ୍ଷୟ କୁମାର ରାଉତ, ବିବେକାନନ୍ଦ ରାୟ, ପ୍ରଶାନ୍ତ କୁମାର ଗନ୍ତାୟତ, ଅନିଲ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର ମୁଦୁଲି, ପ୍ରସନ୍ନ କୁମାର ପାଣି, ରଶ୍ମିରଂଜନ ରାୟ, ବିନୋଦ ବିହାରୀ ସାହୁ ପ୍ରମୁଖ ଯୋଗଦେଇ ଏହାର ଦୃଢ ନିନ୍ଦା କରିବା ସହ ଏଭଳି ଅବାସ୍ତବ ବିବୃତ୍ତିରୁ ନିବୃତ୍ତ ରହିବା ପାଇଁ ଦାବି କରିଥିଲେ। ଏଥିସହ ବିଭିନ୍ନ ସମୟରେ ଧର୍ମଶାଳା ଅଂଚଳର ସାମ୍ବାଦିକମାନେ ବିଛାଖଣ୍ଡି ପାହାଡରେ ଚାଲିଥିବା ବେଆଇନ କାର୍ଯ୍ୟ ଓ ସେଠାକାର ଲୋକଙ୍କ ସମସ୍ୟାକୁ ଗଣମାଧ୍ୟମରେ ଅନବରତ ପ୍ରକାଶ କରିଆସିଛନ୍ତି। ଏଭଳି କ୍ଷେତ୍ରରେ ଜଣେ ନାରିନେତ୍ରୀ ଗଣମାଧ୍ୟମ ବିରୋଧରେ ହୀନ ମନ୍ତବ୍ୟ ଦେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ବୋଲି ବୈଠକରେ ମତପ୍ରକାଶ ପାଇବା ସହ ଶ୍ରୀମତୀ ପହି ତୁରନ୍ତ କ୍ଷମା ପ୍ରାର୍ଥନା କରିବାକୁ ସାମ୍ବାଦିକମାନେ ଦାବି କରିଛନ୍ତି।

# ୧ ଲକ୍ଷ ଗ୍ରୀନ୍ ଆର୍ମିଙ୍କ ସମାବେଶ ଓ ୧ କୋଟି ବୃକ୍ଷରୋପଣ ଅଭିଯାନ କଟକରୁ ଶୁଭାରମ୍ଭ



କଟକ, (ପିଏନ): ବର୍ତ୍ତମାନ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ବିଶ୍ୱ ତାପନ, ଅଦିନିଆ ବର୍ଷା, ସାମୁଦ୍ରିକ ଝଡ଼ ପୃଥିବୀ ଆଗରେ ଘାତକ ହୋଇ ଠିଆହୋଇଛି। ତେଣୁ ପରିବେଶବିତ୍‌ମାନେ ସତର୍କ କରେଇ ଦେଲେଣି ଏବେଠାରୁ ବ୍ୟାପକ ବୃକ୍ଷରୋପଣ କରାନଗଲେ ପୃଥିବୀପୃଷ୍ଠରେ ଜୀବଜଗତର ଆୟୁଷ ଆଉ ବେଶୀଦିନ ନୁହେଁ ବୋଲି ପ୍ରେରଣା ଇଣ୍ଟରନ୍ୟାସନାଲ ଗ୍ରୀନ୍ ଆର୍ମି ପକ୍ଷରୁ କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଆୟୋଜିତ ଏକ ବିରାଟ ଗ୍ରୀନ୍ ଆର୍ମିଙ୍କ ସମାବେଶରେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ ଇନ୍ ଚିଫ୍ ଡ. ଦିଲ୍ଲୀପ ଶ୍ରୀଚନ୍ଦନ କହିଛନ୍ତି। ସେ କହିଛନ୍ତି ଯେ, ଏପ୍ରିଲ ମାସ ୧ ତାରିଖ ଦିନ ଭୁବନେଶ୍ୱରରେ ୧ ଲକ୍ଷ ଗ୍ରୀନ୍ ଆର୍ମି, ବୃକ୍ଷପ୍ରେମୀ, ପ୍ରକୃତିବନ୍ଧୁ, ପ୍ରକୃତିମିତ୍ର, ଜଙ୍ଗଲ ସୁରକ୍ଷା କମିଟି ଓ ପରିବେଶବିତ୍‌ମାନଙ୍କର ସମାବେଶ ଆୟୋଜନ କରାଯାଇ ଜୁଲାଇ ମାସ ୧ ତାରିଖ ଦିନ ୧ କୋଟି ବୃକ୍ଷ ରୋପଣ କରାଯିବା ପାଇଁ ସଂକଳ୍ପ ଗ୍ରହଣ କରାଯିବ। ଏହି ଅଭିଯାନରେ ଦେଶ ଓ ବିଦେଶରେ ରହୁଥିବା ୪କୋଟି ୫୦ଲକ୍ଷ ଓଡ଼ିଆ "ପ୍ଲାଣ୍ଟ ଏ ଟ୍ରି' ଲୋକାଲି, ରିଡ୍ୟୁସ୍ ୱାର୍ମିଙ୍ଗ ଗ୍ଲୋବାଲି' ସ୍ଲୋଗାନ ନେଇ କାର୍ଯ୍ୟ କରିବେ। ଏହି ଅଭିଯାନକୁ ପତାକା ଦେଖାଇ ଜଷ୍ଟିସ ଏ.ଏସ୍ ନାଇଡୁ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କଟକ ବିଧାୟକ ମହମ୍ମଦ ମୋକିମ, ଚଳଚ୍ଚିତ୍ର ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, ସମାଜର ଆଜୀବନ ସଦସ୍ୟ ପ୍ରଭାସ ଆଚାର୍ଯ୍ୟ, ଉତ୍କଳ ସମ୍ମିଳନୀର ସଭାପତି ରବି ରଞ୍ଜନ, ଓଡ଼ିଶା ବୀର ମହାସଂଘର ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ, ଆଟିଭର ଫାଉଣ୍ଡେସନର ଆବାହକ ଅଶୋକ ସୁନ୍ଦରାୟ, ଏନ୍.ଏସ୍.ଏସ୍ ରାଜ୍ୟ ଅଧିକାରୀ ଡ. ସୁରେଖା ସ୍ୱାଇଁ, ଏନ୍.ଏସ୍.ଏସ୍ ଆଞ୍ଚଳିକ ଅଧିକାରୀ ଡ. ସରିତା ପଟେଲ, ଅଧ୍ୟାପିକା ଅନୁପମା ଚମ୍ପତିରାୟ, ଦିବ୍ୟ ନାରାୟଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବିଶ୍ୱ ବଞ୍ଚାଇବା ପାଇଁ ପ୍ରେରଣା ଗ୍ରୀନ୍ ଆର୍ମି ପକ୍ଷରୁ ଆୟୋଜିତ ଏହି ଅଭିଯାନରେ ସାମିଲ୍ ହେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ଥାଇଲାଣ୍ଡ, ଜାପାନ, ଲଣ୍ଡନ ଆଦି ଦେଶ ତଥା ପଞ୍ଜାବ, ରାଜସ୍ଥାନ, ଆସାମ, ଓଡ଼ିଶା ଆଦି ୧୫ଗୋଟି ରାଜ୍ୟର ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ର, ଯୁବକ ଅଂଶଗ୍ରହଣ କରି କଟକ ସହରସାରା ପରିକ୍ରମା କରିଥିଲେ। ଏଥିସହିତ ବିଶ୍ୱ ସବୁଜ ମୁକୁଟ ବିଜୟିନୀ ଜ୍ୟୋତି ପଟ୍ଟନାୟକଙ୍କୁ 'ଗ୍ରୀନ ଆମ୍ବାସାଡ଼ର' ଓ ବୁଲେଟ ଧାବିକା ମୋନାଲିସା ମହାରଣାଙ୍କୁ 'ଗ୍ରୀନ୍ କୁଇନ୍' ସମ୍ମାନ ପ୍ରଦାନ କରାଯାଇଥିଲା।

# ଢେଙ୍କା ପଂଚାୟତରେ ଅଯଥା ସମସ୍ୟା ସୃଷ୍ଟି କରାଯାଉଛି

ହାଟଡିହି (ପିଏନ)- କେନ୍ଦୁଝର ଜିଲା ହାଟଡିହି ବ୍ଲକ ଢେଙ୍କା ପଂଚାୟତ ର ୧୦ଟି ଗ୍ରାମ ଅଧିନ ରେ ୧୯ ଟି ୱାର୍ଡ ରହିଛି ।ସଂପ୍ରତି ପଂଚାୟତ ରେ ମୋଟ ପିଡିଏସ ହିତାଧିକାରୀ ଙ୍କ ସଂଖ୍ୟା ୧୮୦୪ ଅଟେ । ହାଟଡିହୀ ବିଡିଓ ଚିଠି ନଂ ୫୧୩/୧୭.୨.୨୦୨୦ ରେ ଫେବୃୟାରୀ ମାସ ୨୫ ତାରିଖ ସୁଦ୍ଧା ଚଳିତ ମାସ ଫେବୃୟାରୀ ଓ ଆସନ୍ତା ମାର୍ଚ୍ଚ ଦୁଇ ମାସ ର ପିଡିଏସ ବଣ୍ଟନ ପାଇଁ ସମସ୍ତ ପିଡିଏସ ବଣ୍ଟନକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ସେହି କ୍ରମ ରେ ପିଡିଏସ ବଣ୍ଟନ ଚାଲିଥିବା ବେଳେ ୪ ମାସ ରୁ ଉର୍ଦ୍ଦ ମାସ ହେବ ପିଡିଏସ ବଣ୍ଟନ ହୋଇ ନ ଥିବା ଅଭିଯୋଗ ଉଠିଥିଲା ।ପରେ ହାଟଡିହୀ ଯୋଗାଣ ଅଧିକାରୀ ଶ୍ୟାମ ସୁନ୍ଦର ମାଝୀ ସଂପୃକ୍ତ ପଂଚାୟତ କୁ ଯାଇ ବିଭିନ୍ନ ଗ୍ରାମ ର ହିତାଧିକରୀ ଙ୍କୁ ଭେଟି ପଚାରି ବୁଝି ଥିଲେ । ହିତାଧିକରୀ ଙ୍କ ରାସନ କାର୍ଡ ଯାଂଚ କରିଥିଲେ ।ହିତାଧିକାରୀ ମାନଙ୍କୁ ପୂର୍ବ ନଭେମ୍ବର, ଡିସେମ୍ବର, ଜାନୁୟାରୀ ମୋଟ ତିନି ମାସ ଏବଂ ଚଳିତ ମାସ ଫେବୃୟାରୀ ଓ ଆସନ୍ତା ମାର୍ଚ୍ଚ ଦୁଇ ମାସ ର ପିଡିଏସ ବଣ୍ଟନ କରାଯାଇଛି । ଯୋଗାଣ ଅଧିକାରୀ ମାଝୀ କହିଛନ୍ତି ଯେ ସଠିକ ଭାବେ ହିତାଧିକାରୀ ଙ୍କୁ ପିଡିଏସ ବଣ୍ଟନ କରାଯାଇଥିବା ତଦନ୍ତ ରୁ ଜଣାପଡିଛି ।ପିଇଓ ନରହରି ନାୟକ କହିଛନ୍ତି ଯେ ହିତାଧିକାରୀ ପିଡିଏସ ଠିକ ଭାବେ ବଣ୍ଟନ କରଯାଉଥିବା ବେଳେ ଅଯଥା ଅଭିଯୋଗ କରାଯାଉଛି ।ଅପର ପକ୍ଷେ ସରକାରୀ ଆବାସ ଗୃହ ପ୍ରଦାନ ରେ ଅନିୟମିତା ହେଉଥିବା ଅଭିଯୋଗ କୁ ଜିଆରଏସ ଖଣ୍ଡନ କରିଛନ୍ତି ।ଏସଇସିସି ତାଲିକା ଅନୁସାରେ ଝଣଝଣା ଗ୍ରାମ ର ଅଭିରାମ ଗଇପଇ,ରସିକ ଗଇପଇ,ତୁଳସୀ ଗଇପଇ,ଗୁମା ଗଇପଇ,ଚିରିପି ଗଇପଇ,ସୋରେନ ଗଇପଇ ଗୋଟିଏ ପରିବାର ରେ ଅଟନ୍ତି ।ପରିବାର ଆଇଡି ନଂ ହେଉଛି ଓଆର୨୧୪୮୬୭୬ ଅଟେ ।ଏହି ପରିବାର କୁ ସରକାରୀ ଆବାସ ଗୃହ ମିଳୁ ନ ଥିବା ଅଭିଯୋଗ ହେଉଛି । ଜିଆରଏସ ପ୍ରଫୁଲ ମାଝୀ କହିଛନ୍ତି ଯେ ୨୦୧୯-୨୦୨୦ ଆର୍ଥିକ ବର୍ଷ ରେ ଅଭିରାମ ଗଇପଇ ଙ୍କୁ ସରକାରୀ ଆବାସ ଗୃହ ମିଳିସାରି ପ୍ରଥମ କିସ୍ତି ବାବଦ ରେ ୩୦.୧.୨୦୨୦ ରେ ୨୦ହଜାର ଟଙ୍କା ପ୍ରଦାନ ସରିଛି ।କୌଣସି ଯୁକ୍ତି ଯୁକ୍ତ କାରଣ ନ ଥାଇ ପଂଚାୟତ ରେ ଅଯଥା ସମସ୍ୟା ସୃଷ୍ଟି କରାଯାଉଛି ବୋଲି ଜିଆରଏସ ମାଝୀ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ।

# ହାଟଡ଼ିହି ବ୍ଲକରେ ବିଭିନ୍ନ ଶୈବପୀଠରେ ଜାଗର ଉତ୍ସବ ପାଳିତ

ହାଟଡିହି, (ପିଏନ): କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକର ବିଭିନ୍ନ ଶୈବ ପୀଠରେ ଶିବରାତ୍ରି ଓ ଜାଗର ଉତ୍ସବ ପାଳିତ ହୋଇଯାଇଛି । ପ୍ରସିଦ୍ଧ ଐତିହ୍ୟ ସଢ଼ା ବୈଦ୍ୟନାଥ ଶିବ ମନ୍ଦିରରେ ଶିବରାତ୍ରି ପାଳିତ ହୋଇଯାଇଛି । ସଢ଼ା ଓ ଜମ୍ପୀରା ରେ ଥିବା ପଣ୍ଡା ସଂପ୍ରଦାୟର ପୂଜକ ମାନେ ଏହି ମନ୍ଦିରକୁ ପୂଜା କରିଥାନ୍ତି । ମନ୍ଦିର ଆଗରେ ଏକ ପୁଷ୍କରିଣୀ ରହିଥିବା ବେଳେ ମନ୍ଦିର ନିକଟରେ ବିଶାଳକାୟ ବୃକ୍ଷଭଦ୍ୱୟଙ୍କ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରିଥାଏ । ଭକ୍ତଗଣ ପ୍ରଥମେ ବୃକ୍ଷଭଦ୍ୱୟଙ୍କ ଠାରୁ ଅନୁମତି ନେଇ ମନ୍ଦିରକୁ ପ୍ରବେଶ କରି ମହାଦେବଙ୍କ ଦର୍ଶନ ଲାଭ କରିଥାନ୍ତି ବୋଲି କୁହାଯାଏ । ମନ୍ଦିରକୁ ଶିବରାତ୍ରିରେ ଆଖପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କର ସମାଗମ ହୋଇଥାଏ । ବହୁ ପୁରାତନ ମନ୍ଦିର ହୋଇଥିବାରୁ ମନ୍ଦିର କିମ୍ବଦନ୍ତି ବହୁ ଅନେକ ବୋଲି ବୈଦ୍ୟନାଥ ସାଂସ୍କୃତିକ ପରିଷଦ ସୂଚନା ପ୍ରଦାନ କରିଛି । ଏହା ୭ ଦିନ ଧରି ଧୂମ ଧାମରେ ଚାଲିବାକୁ ଥିବା ବେଳେ ବିଭିନ୍ନ ଦୋକାନ ବଜାର ଓ ଆଲୋକ ସଜାରେ ଭକ୍ତ ମାନଙ୍କୁ ଦିବାରାତ୍ର ଆକୃଷ୍ଟ କରି ରଖିଥାଏ ।ଆଜି ଯାତ୍ରା ଆରମ୍ଭ ହେବାକୁ ଥିବା ବେଳେ ସୁରକ୍ଷା ପାଇଁ ସୋସୋ ପୋଲିସ ନିୟୋଜିତ ହୋଇଛନ୍ତି । ପୂଜକ ରବିନ୍ଦ୍ର ପଣ୍ଡା, ଚନ୍ଦ୍ରଶେଖର ପଣ୍ଡା, ବୁଲ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା ରିତିନିତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଗ୍ରାମର ଅଲେଖ ଜେନା, ଅକ୍ଷୟ କୁମାର ପହୀ, ପ୍ରଦୀପ ସାମଲ, ପ୍ରଫୁଲ୍ଲ ପହୀ, ସତ୍ୟାନନ୍ଦ ପହୀ, ବୈଦ୍ୟନାଥ ସାମଲ, ନିତ୍ୟାନନ୍ଦ ବେହେରା, ଶ୍ୟାମସୁନ୍ଦର ସାମଲ, ପୂର୍ଣ୍ଣଚନ୍ଦ୍ର ଦାସ, ନିଳକଣ୍ଠ ସାମଲ, ଗଗନ ପହି ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିବା ସହିତ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ପରିଚାଳିତ ହୋଇଛି । ସେହିପରି ବାଲିବରେଇ-ବିଦ୍ୟାଧରପୁର ମୁକ୍ତେଶ୍ୱର ମନ୍ଦିରରେ ଶିବରାତ୍ରି ଓ ଜାଗର ଉତ୍ସବ ପାଳିତ ହୋଇଛି । ବୈଠକରେ ଜାଗର ଉତ୍ସବରେ ଅଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଶତ୍ରୁଘ୍ନ ପାତ୍ର, ବାବୁଲି ରାଉତ, ଅଜୟ ଘଡ଼େଇ, ବିଶ୍ୱନାଥ ବେହେରା, ନରେନ୍ଦ୍ର ନାୟକ, ଗୋପାଳ ପଟ୍ଟନାୟକ, ଚିନ୍ତାମଣୀ ପାତ୍ର, ଭୀମ ବେହେରା, ଚିନ୍ତା ମହାନ୍ତି, ସତ୍ୟାନନ୍ଦ ନାୟକ, ନଣ୍ଡା ଚକ୍ର, ବିଶ୍ୱନାଥ ରାଉତ ଏବଂ ଗ୍ରାମବାସୀ କାର୍ଯ୍ୟକ୍ରମକୁ ପରିଚାଳିତ କରିଥିଲେ । ସେହିପରି ପଢ଼ିଆରୀପଲ୍ଲୀ ଶିବ ମନ୍ଦିରରେ ଚତୁର୍ଭୁଜ ରାଉତ, ମୃତ୍ୟୁଞ୍ଜୟ ରାଉତ, ମୁନା ରାଉତ, ରବିନ୍ଦ୍ର ଜେନା, ଘନଶ୍ୟାମ ଧଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ଜାଗର ଉତ୍ସବ ପାଳିତ ହୋଇଥିଲା । ସେହିପରି ବଣିଆପଙ୍କ କପିଳେଶ୍ୱର ମନ୍ଦିରରେ ଶଶିକାନ୍ତ ଜେନା, ନାରାୟଣ ପାତ୍ର, ଚଗୁଲୁ, ଦୁର୍ଯ୍ୟୋଧନ, କାଳିଆ, ବାବୁ, ରତ୍ନାକର, ବିରେନ୍ଦ୍ରଙ୍କ ସହଯୋଗରେ ଉତ୍ସବ ପାଳିତ ହୋଇଥିଲା । ବିଭିନ୍ନ ଭଜନ ସମାରୋହ ଶୈବ ପୀଠ ଗୁଡ଼ିକରେ ହେଉଥିବାରୁ ସନ୍ଧ୍ୟା ସମୟରେ ହାଟଡିହି ଅଂଚଳଟି ଉତ୍ସବ ମୁଖର ହୋଇପଡ଼ିଛି । ମନ୍ଦିର ଗୁଡ଼ିକରେ ଦୋକାନ ବଜାର ବସି ରହିଥିବାରୁ କିଣାବିକାର ପସରା ମେଳିଛି । । ହାଟଡ଼ିହି ଡ଼ାକ୍ତରଖାନା ପରିସରରେ ଥିବା ଜଳେଶ୍ୱର ମହାଦେବ, ସୋସୋରେ ଲକ୍ଷେଶ୍ୱର ମହାଦେବ, ପନ୍ଦାଡ଼ୋ ଖଇରମରା ସାହିର ସର୍ବେଶ୍ୱର ମହାଦେବ, ଛେନାପଦି ଛକ ବିଶେଶ୍ୱର ମନ୍ଦିର, ଚଣ୍ଡିବିରଂଚିପୁର ସ୍ୱପ୍ନେଶ୍ୱର ମନ୍ଦିର, ବଂଚୋରେ ବଟେଶ୍ୱର ମହାଦେବ, ହାଟଡ଼ିହିର ହଟକେଶ୍ୱର ମନ୍ଦିର, କୁଣ୍ଡି ସାହିରେ କପଳେଶ୍ୱର ମନ୍ଦିର, ଓଏମସି, ବଉଳା ଫେକର, ହଦଗଡ଼, ମରୈଗାଁ ଆଦି ଶୈବ ପୀଠରେ ଧୂମଧାମରେ ଶିବରାତ୍ରି ଓ ଜାଗର ଉତ୍ସବ ପାଳିତ ହୋଇଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ

କେନ୍ଦୁଝର(ପିଏନ)-ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡଠାରେ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଉକ୍ତ ଉତ୍ସବରେ ଡି.ଏନ୍. ହାଇ ସ୍କୁଲର ଅବସର ପ୍ରାପ୍ତ ଶିକ୍ଷକ ରଙ୍ଗାଧର ବେହେରା ଅତିଥି ଭାବରେ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ବହୁ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ ଓ ନିଜର ମାତୃଭୂମି ଓ ମାତୃଭାଷା ପ୍ରତି ଯତ୍ନଶୀଳ ହେବା ସହ ପ୍ରତିଜ୍ଞା ବଦ୍ଧ ହେବା ପାଇଁ ଶିଶୁମାନଙ୍କୁ ଆହ୍ୱାନ କରିଥିଲେ । ବିଦ୍ୟାଳୟର ସହ ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ମାତୃଭାଷା ହିଁ ସର୍ବପ୍ରଥମେ ଆମକୁ ବ୍ୟବହାରିକ ଶିକ୍ଷା ଦେଇଥାଏ ବୋଲି କହିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।



# ଜାଲ ପ୍ରମାଣ ପତ୍ର ଦେଇ ସରକାରୀ ଚାକିରୀ ହାତେଇବା ଅଭିଯୋଗ

ହାଟଡିହି(ପିଏନ)-କେନ୍ଦୁଝର ଜିଲା ହାଟଡିହି ବ୍ଲକ ଅଧିନରେ ସଂପ୍ରତି କାର୍ଯ୍ୟରତ ଭିଏଲଡବ୍ଲୁ(ଭିଲେଜ ଲେବୁଲ ୱାର୍କର) ସୁରେଶ କୁମାର ସେଠୀ ଶିକ୍ଷାଗତ ଯୋଗ୍ୟତା ର ଜାଲ ପ୍ରମାଣ ପତ୍ର ଦେଇ ସରକାରୀ ଚାକିରୀ କରିଥିବା ଅଭିଯୋଗ ହୋଇଛି ।ଅଭିଯୋଗ ଅନୁସାରେ ଜିଲାପାଳ ଙ୍କ ଚିଠି ନଂ ୯୩୭/୩୧.୫.୨୦୧୩ ଅନୁସାରେ ୪୫ ଗୋଟି ଭିଏଲଡବ୍ଲୁ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।ପରେ ଚିଠି ନଂ ୬୩୬/୪.୬.୨୦୧୪ ରେ ସୁରେଶ ଙ୍କୁ ସାହାରପଡା ବ୍ଲକ ଅଧିନ ରେ ନିଯୁକ୍ତି ମିଳିଥିଲା ।କିନ୍ତୁ ନିଯୁକ୍ତି ସମୟ ରେ ସେ ଯୁକ୍ତ ଦୁଇ ଶ୍ରେଣୀ ର ଜାଲ ଶିକ୍ଷାଗତ ପ୍ରମାଣ ପତ୍ର ଦେଇଥିଲେ ।ତାଙ୍କର ଯୁକ୍ତ ଦୁଇ ଶ୍ରେଣୀ ଦୁଇଟି ଶିକ୍ଷାଗତ ପ୍ରମାଣ ପତ୍ର ଅଛି ।ପ୍ରଥମେ କେନ୍ଦୁଝର ଡିଡି କଲେଜ ରୁ ୨୦୦୯ ରେ ଯୁକ୍ତ ଦୁଇ ରେ ୪୬.୩୩ ଶତକଡା ନମ୍ବର ରଖି ଏବଂ ଆନନ୍ଦପୁର କଲେଜ ରୁ ୨୦୧୨ ରେ ଯୁକ୍ତ ତିନି ପାସ କରିଥିବା ଶିକ୍ଷାଗତ ପ୍ରମାଣ ପତ୍ର ପାଇଥିଲେ ।କିନ୍ତୁ ଯୁକ୍ତ ତିନ ପଢୁଥିବା ବେଳେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ରୁ ପୁଣି ଥରେ ଯୁକ୍ତ ଦୁଇ ରେ ୭୨.୪୬ ଶତକଡା ନମ୍ବର ରଖି ପାସ ପ୍ରମାଣ ପତ୍ର ପାଇଥିଲେ । ଏହି ଶିକ୍ଷାଗତ ଯୋଗ୍ୟତା ର ଜାଲ ପ୍ରମାଣ ପତ୍ର ଦେଇ ଭିଏଲଡବ୍ଲୁ ସୁରେଶ ସରକାରୀ ଚାକିରୀ ହାତେଇଛନ୍ତି ।ହାଟଡିହୀ ଅଂଚଳ ର ହରେକୃଷ୍ଣ ସେଠୀ ଏ ନେଇ କେନ୍ଦୁଝର ଜିଲାପାଳ ଓ ଓଡିଶା କ୍ରାଇମ ବ୍ରାଂଚ ରେ ଅଭିଯୋଗ କରି ତଦନ୍ତ ଦାବି କରିଛନ୍ତି । ଭିଏଲଡବ୍ଲୁ ସୁରେଶ କହିଛନ୍ତି ଯେ ମୁ ଦୁଇଥର ଯୁକ୍ତ ଦୁଇ ପାସ କରିଥିବା ପ୍ରମାଣ ପତ୍ର ଅଛି । ଦ୍ୱିତୀୟ ଥର ପାଇଁ ଯୁକ୍ତ ଦୁଇ ରେ ପୁରୀ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ରୁ ପାଇଥିବା ଶିକ୍ଷାଗତ ଯୋଗ୍ୟତା ର ପ୍ରମାଣ ପତ୍ର ଚାକିରୀ କରିବା ମୟ ରେ ଦେଇଥିଲି ।

# ବାପ ଛାଡିଥିବା ଛୁଆକୁ ଶିଶୁ ସୁରକ୍ଷା ଟିମକୁ ହସ୍ତାନ୍ତର କଲା ଚଣ୍ଡିଖୋଲ ପୋଲିସ

ନେଉଳପୁର, ୨୨/୨(ପି.ଏନ.)-ନିଜ ଜନ୍ମିତ ୩ ବର୍ଷ ଛୁଆକୁ ଛାଡି ପଳାଇ ଯାଇଥିବା ଶିଶୁଟିକୁ ଚଣ୍ଡିଖୋଲ ପୋଲିସ ସହାୟତାରେ ଜିଲ୍ଲା ଶିଶୁ ସୁରକ୍ଷା ଟିମ ଶନିବାର ଉଦ୍ଧାର କରିଛି । ଉଦ୍ଧାର ହେଲା ପରେ ଚୁଆଟି ତାର ନାଁ ରୁଦ୍ର ଗୋଛାୟତ, ବାପା-କାଳିଆ ଗୋଛାୟତ, ଘର-ଯାଜପୁର ଟାଉନ ବୋଲି କହିଛି । ଘଟଣାରୁ ପ୍ରକାଶ ଯେ ଶୁକ୍ରବାର ଛୁଆଟିକୁ ତାର ବାପା କେନ୍ଦୋପଡା ବସଷ୍ଟାଣ୍ଡରେ ଥିବା ଏକ ଲସି ଦୋକାନରେ ଛାଡି ଚାଲିଯାଇଥିଲା । ଦୋକାନୀ ମାଲିକ ଚୁଆଟିକୁ ନିଜ ପାଖରେ ରଖୀବା ସହିତ ତାର ନିଖୋଜ ଖବର ସୋସିଆଲ ମିଡିଆରେ ଛାଡିଥିଲା । ପରେ ଶନିବାର ଚଣ୍ଡିଖୋଲ ଫାଣ୍ଡିକୁ ଛୁଆଟିର ନିଖୋଜ ଖବର ଜଣାଇଥିଲେ । ଚଣ୍ଡିଖୌଲ ଫାଣ୍ଡି ଅଧିକାରୀ ସୁଶୀଳ କୁମାର ନାୟକ ଛୁଆଟିକୁ ଉଦ୍ଧାର କରି ଜିଲ୍ଲା ଶିଶୁ ସୁରକ୍ଷା ଟିମକୁ ଜଣାଇଥିଲେ । ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତା ମିହିର ଜେନା ଓ ଶିଶିର କୁମାର ମଲିକ ଚଣ୍ଡିଖୋଲ ଫାଣ୍ଡିରେ ପହଂଚି ଶିଶୁଟିକୁ ନିଜ ସଙ୍ଗରେ ନେଇଯାଇଥିଲେ । ଶିଶୁଟିର ଡାକ୍ତରୀ ପରୀକ୍ଷା କଲା ପରେ କାଉନସିଲିଂ କରି ତାର ପ୍ରକୃତ ପରିଚୟ ମିଳିପାରିବ ଓ ଏବେ ସିଏ ଜିଲ୍ଲା ପୋଷ୍ୟ ସନ୍ତାନ କେନ୍ଦ୍ରରେ ରହିବ ବୋଲି ଶ୍ରୀ ଜେନା କହିଥିଲେ ।

# ଡିଏମଏଫ ଅନୁଦାନରେ ପର୍ଯ୍ୟଟନ ସ୍ଥଳୀର ଉନ୍ନତିକରଣ : ପାର୍କ ନିର୍ମାଣ କରାଯାଇ ବେକାରୀ ନିଯୁକ୍ତି ଓ ସରକାରୀ ରାଜସ୍ୱ ଆୟ ବୃଦ୍ଧି କରାଯାଉ

ହାଟଡିହି, (ପିଏନ): ସରକାର ବିଭିନ୍ନ ବିଭାଗର ଯୋଜନାମାନ କରି କୋଟିକୋଟି ଟଙ୍କା ବ୍ୟୟ କରାଯାଉଛି । ଏଥିରେ ସାଧାରଣ ଲୋକଙ୍କର ମୌଳିକ ସୁବିଧା ଯୋଗାଇ ଦିଆଯାଉଛି । କିନ୍ତୁ ସ୍ୱାଧିନତାର ଏତେବର୍ଷ ପରେବି ବହୁ ଗ୍ରାମ ଏବେବି ମୌଳିକ ସୁବିଧାରୁ ବଂଚିତ । ଏଥିପାଇଁ ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ଦାୟୀ ବୋଲି କୁହାଯାଉଥିବା ନେଇ ଚର୍ଚ୍ଚା ହେଉଛି । ବର୍ତମାନ ପରିସ୍ଥିତିରେ ଯଦି ବହୁମୁଖୀ ଯୋଜନା କରାଯାଇ ଲୋକଙ୍କର ସୁବିଧା ସୃଷ୍ଟି କରାଯିବା ସହିତ ବେକାରୀ ନିଯୁକ୍ତି ଓ ସରକାରଙ୍କର ଆୟ ବୃଦ୍ଧି କରାଯାଇପାରନ୍ତା ତେବେ ସାଧାରଣ ଲୋକଙ୍କର ଓ ସରକାରଙ୍କର ଆର୍ଥିକ ସ୍ଥିତି ସୁଧାରିବାରେ ସହାୟକ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲାର ଡିଏମଏଫ ଅନୁଦାନରେ ହଜାର ହଜାର କୋଟି ଟଙ୍କା ରହିଛି । ପ୍ରଶାସନ ଏବଂ ନିର୍ବାଚିତ ପ୍ରତିନିଧି ଓ ମନ୍ତ୍ରୀ ମାନେ ଅର୍ଥକୁ ସୁଦୁପଯୋଗ କରିବାରେ ବିଫଳ ହୋଇଛନ୍ତି । କେବଳ ନିମ୍ନ ମାନର କାର୍ଯ୍ୟ କରି କିଭଳି ଅର୍ଥକୁ ଲୁଟିବେ ସେଥିପାଇଁ ପ୍ରତିଯୋଗୀତା ମୂଳକ ପ୍ରୟାସ କରୁଛନ୍ତି । କିନ୍ତୁ କିଭଳି ଜିଲାବାସୀ ଗରିବ ଲୋକଙ୍କର ଆୟ ବୃଦ୍ଧି ହେବା ସହିତ ସରକାରଙ୍କର ରାଜସ୍ୱ ବୃଦ୍ଧି ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇପାରୁନାହିଁ ବୋଲି ମତପ୍ରକାଶ ହୋଇଛି । ଜିଲାର ହାଟଡିହି ବ୍ଲକଟି ଡିଏମଏଫ ଯୋଜନାରେ ଅନ୍ତର୍ଭୁକ୍ତ । ଏଥିରେ ଶ୍ରମିକ ନିଯୁକ୍ତି ପାଇପାରୁନଥିବା ବେଳେ ଚାଷୀ ଠିକ ମୂଲ୍ୟରେ ଉତ୍ପାଦିତ ଶସ୍ୟକୁ ବିକ୍ରୀ କରିପାରୁନାହିଁ । ଅନ୍ୟପକ୍ଷରେ ଜମି ଗୁଡ଼ିକ ଜଳସେଚିତରୁ ବଂଚିତ ହେଉଥିବାରୁ ୫୦ ଭାଗ ଚାଷୀ ଏହାର ଶିକାର ହେଉଛନ୍ତି । ଯାହାକି ଶ୍ରମିକ ଓ ଚାଷୀଙ୍କର ଆର୍ଥିକ ସ୍ଥିତି ଦୋହଲି ଯାଉଛି । ହାଟଡିହି ବ୍ଲକଟି ପ୍ରକୃତିର ଗନ୍ତାଘର । ଏଠି ବଉଳା ପାହାଡ଼, ହଦଗଡ଼ ହସ୍ତୀ ଅଭୟାରଣ୍ୟ, ହଦଗଡ଼ ସାଳନ୍ଦୀ ନଦୀ ରହିଥିବା ବେଳେ ବୈତରଣୀର ବାଲିରେ ମହଜୁଦ । ପଥର, ମୋରମ ଇତ୍ୟାଦି ବିଭିନ୍ନ ଲଘୁ ସାମଗ୍ରୀ ମଧ ଗଚ୍ଛିତ ରହିଛି । ଏହାକୁ ମଧ ଠିକ ଭାବରେ ଉପଯୋଗ କରାଯାଇପାରୁନାହିଁ । ଯାହାଫଳରେ ଶ୍ରମିକ, ବେକାରୀ ଶିକ୍ଷିତ ଯୁବକଙ୍କର ବେକାରୀ ସମସ୍ୟା ବୃଦ୍ଧି ପାଉଛି । ଯଦି ଏଠାରେ ପ୍ରକୃତିର ଗନ୍ତାଘର ଭିତରେ ଥିବା ପର୍ଯ୍ୟଟନୀ ସ୍ଥଳୀ ଗୁଡିକୁ ପୁନରୁଦ୍ଧଶର କରାଯାଇ ସେ ଅଂଚଳକୁ ସୌନ୍ଦର୍ଯ୍ୟକରଣ କରାଗଲେ ପର୍ଯ୍ୟଟକ ମାନଙ୍କର ଭିଡ଼ ଜମନ୍ତା । ଯାହାକି ସବୁ ଋତୁରେ ଲୋକମାନଙ୍କର ସମାଗମ ବୃଦ୍ଧି ପାଆନ୍ତା । ଯାହାଦ୍ୱାରା ତା ଆଖପାଖ ଗ୍ରାମ ଗୁଡ଼ିକର ବେକାରୀ ଯୁବକ ମାନଙ୍କର ଛୋଟବଡ଼ ବ୍ୟବସାୟ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ନିଯୁକ୍ତି ହୋଇ ଆୟ ବୃଦ୍ଧି ହୋଇପାରନ୍ତା । ତାଛଡ଼ା ସରକାରଙ୍କର ମଧ ରାଜସ୍ୱ ହୋଇପାରନ୍ତା । ସେହିପରି ଯଦି ବିଭିନ୍ନ ସ୍ଥାନରେ ପାର୍କ ବନାଯାଇପାରନ୍ତା ତାହା ମଧ ବେକାରୀ ସମସ୍ୟା ଦୂରୀକରଣ କରିବାରେ ସହାୟକ ହେବା ସହିତ ରାଜସ୍ୱ ବୃଦ୍ଧି ହୋଇପାରନ୍ତା । ନିମ୍ନ ମାନର କାର୍ଯ୍ୟ କରି ଡିଏମଏଫ ଅର୍ଥକୁ ଲୁଟିବା ଅପେକ୍ଷା ଏଭଳି କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କର ଜୀବନ ଶୈଳୀ ପରିବର୍ତ୍ତନ ଘଟିବା ସହିତ ଆୟ ବୃଦ୍ଧି ହୁଅନ୍ତା ଏବଂ ମାନସିକ ସ୍ତରରେ ଉନ୍ନତି ଘଟି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛି । ଏଭଳି ପରିପ୍ରେକ୍ଷୀରେ ବିଦ୍ୟାଧରପୁର, ହଦଗଡ଼, ସୋସୋ ନାଗେଶ୍ୱର ପୋଖରୀ, ଭାଟିଆଶୁଣୀ, ମଠଡାହି, ବଂଚୋ, ହାଟଡିହି ଆଦି ସ୍ଥାନ ଗୁଡ଼ିକରେ ଯଦି ପାର୍କ ବନାଯାଇପାରନ୍ତା ତେବେ ଲାଭ ଦାୟକ ହୋଇ ପାରନ୍ତେ ବୋଲି କୁହାଯାଉଛି । ବରିଷ୍ଠ ନାଗରିକ ତଥା ବିଭିନ୍ନ ବର୍ଗର ଲୋକମାନେ ଅବସର ସମୟରେ ସେ ସ୍ଥାନକୁ ଯାଇ ନିଜର ମାନସିକକୁ ସୁସ୍ଥ ରଖିବାରେ ପ୍ରୟାସ ରଖାଯାଇପାରନ୍ତା । ସେହିପରି ଚକ୍ରତୀର୍ଥ, ଗଡ଼ଚଣ୍ଡି, ସିଦ୍ଧଗୁମ୍ଫାସ୍ଥଳୀ ଗୁଡ଼ିକୁ ଯଦି ଉନ୍ନତିକରଣ କରାଯାଇ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରାଯାଇପାରନ୍ତା ତେବେ ବେକାରୀ ସମସ୍ୟା ଦୂର ହେବାରେ ସହାୟକ ହେବା ସହିତ ସରକାରଙ୍କର କିଛି ରାଜସ୍ୱ ମଧ ଆସି ପାରନ୍ତା ବୋଲି ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ମହଲରେ ଆଲୋଚନା ହେବା ସହିତ ଜିଲାପାଳ ଏ ଦିଗରେ ଦୃଷ୍ଟିଦେବା ନିହାତି ଜରୁରୀ ବୋଲି ଦାବୀ ହେଉଛି ।




# ନିଃସଙ୍ଗ ମହିଳାଙ୍କ ଅଧିକାର



**ସ**ମ୍ପ୍ରତି ବିଶ୍ୱରେ ନାରୀ ନିର୍ଯାତନା ଘଟଣା ବଢ଼ିବାରେ ଲାଗିଛି। ଆମ ଦେଶ ସମେତ ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକରେ ମହିଳାମାନେ ଯୌନ ଉତ୍ପୀଡ଼ନ, ଶୋଷଣ, ଘରୋଇ ହିଂସାର ଶିକାର ହେଉଛନ୍ତି। ଏଭଳି ପରିସ୍ଥିତିରେ ନାରୀ ସୁରକ୍ଷା ପାଇଁ ବଡ଼ ଧରଣର ସାମାଜିକ ଆନ୍ଦୋଳନର ଆବଶ୍ୟକତା ଦେଖା ଦେଇଛି। ପ୍ରତିବର୍ଷ ବିଶ୍ୱବ୍ୟାପୀ ମହିଳାଙ୍କ ପ୍ରତି ବୃଦ୍ଧି ପାଉଥିବା ହିଂସା ରୋକିବା ଲାଗି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ମିଳିତ ଜାତିସଂଘ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଦିନକୁ ଦିନ ମହିଳାଙ୍କ ଉପରେ ଅଭାବନୀୟ ଓ ଉଦ୍‌ବେଗଜନକ ଅତ୍ୟାଚାର ବୃଦ୍ଧି ପାଉଥିବା ବେଳେ ସେମାନଙ୍କୁ ସମ୍ମାନ ଓ ସାମାଜିକ ସ୍ରୋତରେ ସମସ୍ତଙ୍କ ସହ ସାମିଲ କରିବାରେ ଆମ ମାନଙ୍କ ଭିତରେ ରହିଥିବା ପ୍ରେରଣାମୂଳକ ସହଯୋଗର ଆବଶ୍ୟକ। ଏହା ନିଃସନ୍ଦେହ ଯେ ପରିବର୍ତ୍ତନଶୀଳ ସମୟ ସହ ନାରୀର ଅଧିକାର ପରିବର୍ତ୍ତିତ ହୋଇଚାଲିଛି। ସ୍ୱାଧୀନତା ଓ ଆତ୍ମବିଶ୍ୱାସ ବଳରେ ବିଭିନ୍ନ କ୍ଷେତ୍ରରେ ନାରୀ ନିଜର ଆଧିପତ୍ୟ ବିସ୍ତାର କରିସାରିଲାଣି। ଏହା ସତ୍ତ୍ୱେ ବି ଗାଁ ଠାରୁ ଆରମ୍ଭ କରି ସହରଯାଏ, ଅଶିକ୍ଷିତ ଓ ଶିକ୍ଷିତ ସମସ୍ତ ମହିଳାଙ୍କ ପ୍ରତି ବିପଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାର ଅର୍ଥ ନୁହେଁ କି ସେ ତା ଅଧିକାର ଜାଣିନାହିଁ ବୋଲି ଏପରି ଘଟୁଛି। ମାତ୍ର ଏ ପରିସ୍ଥିତିରେ ସେ ତା ଅଧିକାର ପ୍ରତି ସଜାଗ ରହିବା ନିହାତି ଦରକାର। **କର୍ମଜୀବୀ ମହିଳାଙ୍କ ପାଇଁ ଭରଣପୋଷଣ:** ପୂର୍ବରୁ କର୍ମଜୀବୀ ମହିଳାଟିଏ ସ୍ୱାମୀ ଠାରୁ ଅଲଗା ହେବା ପରେ ତା ଭରଣପୋଷଣ ଦାୟିତ୍ୱ ସେ ନିଜେ ବହନ କରିବାକୁ ପଡୁଥିଲା। ୨୦୧୧ରେ ଦିଲ୍ଲୀ ହାଇକୋର୍ଟ କର୍ମଜୀବୀ ମହିଳାଙ୍କ ସପକ୍ଷରେ ଏକ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଥିଲେ। ଯାହାଫଳରେ କର୍ମଜୀବୀ ମହିଳାଟିଏ ଛାଡ଼ପତ୍ର ପରେ ବି ପତିଙ୍କ ଠାରୁ ଭରଣପୋଷଣ ଦାବୀ କରିପାରିବେ। **ଲିଭ୍-ଇନ୍-ରିଲେସନ୍‌ସିପ୍‌ରେ ମିଳିବ ଭର୍ତ୍ତା :** ୨୦୧୦ରେ ସୁପ୍ରିମକୋର୍ଟ ନିଷ୍ପତ୍ତି ଅନୁସାରେ ଲିଭ୍-ଇନ୍-ରିଲେସନ୍‌ସିପ୍‌ରେ ଥିବା ମହିଳାମାନଙ୍କୁ ସେ ସମସ୍ତ ଅଧିକାର ଦିଆଯିବ, ଯାହା ୨୦୦୫ର ଅଧିନିୟମ ଅନୁସାରେ ଘରୋଇ ହିଂସା ପାଇଁ ମହିଳାମାନଙ୍କୁ ଦିଆଯାଇଥାଏ। **ଛାଡ଼ପତ୍ର ପରେ ବି ସରନେମ୍ ରଖିପାରିବାର ସ୍ୱାଧିନତା:** ଭାରତୀୟ ବୈବାହିକ ପଦ୍ଧତି ଅନୁସାରେ ମହିଳାଟିଏ ବିବାହ ପରେ ନିଜ ସରନେମକୁ ପରିବର୍ତ୍ତନ କରି ସ୍ୱାମୀଙ୍କ ସରନେମ୍‌କୁ ଆଦରିବାକୁ ପଡ଼ିଥାଏ। ପୁଣି ଛାଡ଼ପତ୍ର ପରେ ଏହା ପରିବର୍ତ୍ତନ କରାଯାଇଥାଏ। ଫଳରେ ପାସ୍‌ପୋର୍ଟ, ଆକାଉଣ୍ଟ, ଭୋଟର କାଡ଼ ଓ ବିଭିନ୍ନ କ୍ଷେତ୍ରରେ ମହିଳାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥାଏ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଆଇନରେ ସଂଶୋଧନ ଅଣାଯାଇଥିଲା। ସଂଶୋଧିତ ଆଇନ ହେଲା ଛାଡ଼ପତ୍ର ପରେ ବି ମହିଳାମାନେ ସ୍ୱାମୀଙ୍କ ସରନେମ୍ ରଖିପାରିବେ। **ପୋଷ୍ୟ ସନ୍ତାନ ଗ୍ରହଣ କରିପାରିବେ:** ୧୯୫୬ ହିନ୍ଦୁ ଆଡ଼ପସନ୍ ଏବଂ ମେଣ୍ଟେନାନ୍ସ ଆକ୍ଟ ଅନୁସାରେ ମହିଳାଟିଏ ବିବାହ ବିଛେଦ ପରେ ପତିଙ୍କ ସହମତିରେ ପୋଷ୍ୟ ସନ୍ତାନ ଗ୍ରହଣ କରିବା ସମ୍ଭବ ହୋଇଛି। **ବିବାହ ବିଛେଦ ପାଇଁ ମିଳିବ ୯୦ ଦିନର ସମୟ:** ହିନ୍ଦୁ ବିବାହ ଆଇନ୍ ୧୯୫୫ ଅନୁସାରେ ପୂର୍ବରୁ ବିବାହ ବିଛେଦ ମାମଲା ପାଇଁ ୩୦ ଦିନ ସମୟ ଦିଆଯାଉଥିଲା। ଫଳରେ ମହିଳାମାନଙ୍କ ପାଇଁ ଏତେ କମ୍ ସମୟରେ ଅର୍ଥ ଓ ଓକିଲ ଯୋଗାଡ଼ କରିବା ବେଳେ ବେଳେ କଷ୍ଟ ହୋଇପଡୁଥିଲା। ୨୦୦୩ରେ ଏଥିରେ ସଂଶୋଧନ କରାଯାଇ ଏହି ସମୟସୀମାକୁ ୩୦ ଦିନ ପରିବର୍ତ୍ତେ ୯୦ ଦିନକୁ ବଢ଼ାଇ ଦିଆଯାଇଛି। **ମକଦମା କରିବା ସହଜ ହୋଇଛି:** ୧୯୫୧ ହିନ୍ଦୁ ବିବାହ ଆଇନ୍ ଅନୁସାରେ କୌଣସି ମହିଳା ସ୍ୱାମୀଙ୍କୁ ଛାଡ଼ପତ୍ର ଦେବାକୁ ଚାହିଁଲେ ସେହି ସ୍ଥାନକୁ ଯିବାକୁ ପଡୁଥିଲା, ଯେଉଁଠାରେ ସେମାନେ ବିବାହ ହୋଇଥିଲା। ୨୦୦୩ରେ ଏଥିରେ ସଂଶୋଧନ କରାଯାଇ ନିଷ୍ପତ୍ତି ନିଆଗଲା ଯେ ଜଣେ ମହିଳା ରହୁଥିବା ଜାଗାରେ ହିଁ ସ୍ୱାମୀଙ୍କ ବିରୋଧରେ ମକଦମା ଲଢ଼ିପାରିବେ। **ମୁସଲ୍‌ମାନ ମହିଳାଙ୍କୁ ନ୍ୟାୟ ମିଳିଛି:** ମୁସଲ୍‌ମାନ ନିୟମ ଅନୁସାରେ ସ୍ୱାମୀଙ୍କ ଠାରୁ ଅଲଗା ହେଉଥିବା ମହିଳାମାନଙ୍କୁ ମାତ୍ର ୩ ମାସ ଯାଏ ଭରଣପୋଷଣ ଦିଆଯାଇଥାଏ। ମାତ୍ର ସଂଶୋଧିତ ନିୟମାନୁସାରେ ୩ ମାସ ପରେ ବି ମୁସଲମାନ ମହିଳାମାନଙ୍କୁ ଭରଣପୋଷଣ ଦିଆଯିବ। ତା ସହିତ ସ୍ୱାମୀଙ୍କ ସମସ୍ତ ସମ୍ପତ୍ତି ଉପରେ ସେତିକି ଅଧିକାର ରହିବ, ଯାହା ସେମାନେ ବୈବାହିକ ଜୀବନରେ ପାଇଥିଲେ। **ସ୍ୱତନ୍ତ୍ର ବିବାହ ଆଇନ ୧୯୫୪ରେ ସଂଶୋଧନ:** ଏହି ଆଇନ ଅନୁସାରେ ଦୁଇଟି ଭିନ୍ନ ଧର୍ମର ଲୋକ ଯଦି ବିବାହ କରି ସ୍ୱାମୀ ସ୍ତ୍ରୀ ଭାବରେ ଜୀବନ ଅତିବାହିତ କରୁଥାନ୍ତି। କୌଣସି କାରଣରୁ ଯଦି ବିଛେଦ ହୁଏ, ତେବେ ସ୍ତ୍ରୀ ସ୍ୱାମୀଙ୍କ ବିରୋଧରେ ମକଦମା କରିବାର ୬୦ ଦିନ ଭିତରେ ଫଇସଲା କରିବାକୁ ପଡ଼ିବ। ନଚେତ୍ ଜରିମନା ଦେବାକୁ ପଡ଼ିବ। ଭାରତର ନ୍ୟାୟପାଳିକା ଦିନକୁ ଦିନ ମହିଳା ମାନଙ୍କୁ ସଶକ୍ତ କରିବା ପାଇଁ ଅନେକ କ୍ରାନ୍ତିକାରୀ ଆଇନ ପ୍ରଣୟନ କରୁଛନ୍ତି ଓ କେନ୍ଦ୍ର ସରକାର ମଧ୍ୟ ମହିଳା ସଶକ୍ତିକରଣ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି।

**ଡାକ୍ତର କାନ୍ତୀ ନାୟକ,**
**ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ : ୯୪୩୭୬୬୬୪୫୩**

# ଓଡିଶାର ଦଳିତମାନଙ୍କ ସମସ୍ୟା ସମ୍ପର୍କରେ ରାଜ୍ୟସ୍ତରୀୟ ଜନଶୁଣାଣି

ଭୁବନେଶ୍ୱର (ପିଏନ୍)-ଓଡିଶା ଦଳିତ ଅଧିକାର ମଞ୍ଚ, ଭୁବନେଶ୍ୱର ଆୟୋଜନରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ଭୁବନେଶ୍ୱରଠାରେ ଦଳିତ ସାହିମାନଙ୍କରେ ଘରଡିହ, ଘର, ପିଇବାପାଣି, ପାଇଖାନା, ବିଜୁଳି, ସାହିକୁ ସବୁଦିନିଆ ରାସ୍ତା ଇତ୍ୟାଦି ମୌଳିକ ସୁବିଧାର ଅଭାବଜନିତ ସମସ୍ୟା ସମ୍ପର୍କରେ ଏକ ରାଜ୍ୟ ସ୍ତରୀୟ ଜନଶୁଣାଣି ଓ କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି । ଏହି ଜନଶୁଣାଣିରେ ଓଡିଶାର ୧୨ ଗୋଟି ଜିଲ୍ଲାର ୧୨ ଗୋଟି ବ୍ଲକ୍‌ରୁ ପ୍ରତିନିଧିମାନେ ଅଂଶ ଗ୍ରହଣକରି ସେମାନଙ୍କ ସାହିରେ ଥିବା ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ପାଞ୍ଚଗୋଟି ଜିଲ୍ଲାର ୮ ଗୋଟି ବ୍ଲକ୍‌ରେ ସର୍ବେକ୍ଷଣ କରାଯାଇ ଉକ୍ତ ଜନଶୁଣାଣିରେ ରିପୋର୍ଟ ଉପସ୍ଥାପନ କରାଯାଇଥିଲା । ଏହି ଜନଶୁଣାଣି ଓ କନ୍‌ଭେନ୍‌ସନ୍ ମଞ୍ଚର ରାଜ୍ୟ ସଭାପତି ଶ୍ରୀଯୁକ୍ତ ମାନସ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଜନଶୁଣାଣି ଓ କନ୍‌ଭେନ୍‌ସନ୍‌ରେ ବକ୍ତାମାନେ ଯୋଗ ଦେଇ ସ୍ୱାଧିନତାର ୭୩ ବର୍ଷପରେ ମଧ ନାଗରିକମାନେ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ତାଙ୍କ ବକ୍ତବ୍ୟରେ ଉଦ୍‌ବେଗ ପ୍ରକାଶ କରିଥିଲେ । ଅତିଥିମାନଙ୍କ ମଧ୍ୟରେ ସର୍ବଶ୍ରୀ ଓଡିଶାର ପୁର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କନୁନ୍‌ଗୋ, ପୂର୍ବତନ ରାଜ୍ୟ ରାଜସ୍ୱ ବୋର୍ଡର ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରଶାସକ କଲ୍ୟାଣ ରାୟ, ଦି ହିନ୍ଦୁ ଖବରକାଗଜର ଭୁବନେଶ୍ୱର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦାସ୍, ଓଡିଶା କମ୍ୟୁନିଷ୍ଟ ପାର୍ଟିର ସଭାପତି ତଥା "ଜନମତ ପ୍ରକାଶନ"ର ସମ୍ପାଦକ ଅଜେୟ ରାଉତ, ସିପିଏମ୍‌ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସନ୍ତୋଷ ଦାସ୍, ସାମାଜିକ କର୍ମୀ ତଥା ଏଚ୍‌ଡିଏଫ୍ ର ପ୍ରତିଷ୍ଠାତା ସୁଦର୍ଶନ ଦାସ୍, ପୁର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସସ୍ମିତା ବେହେରା, ପୁର୍ବତନ ବିଧାୟକ ତଥା ଏଆଇପିଏଫ୍ ର ରାଜ୍ୟ ଆବାହକ ରାଧାକାନ୍ତ ସେଠୀ, ସମାଜବାଦୀ ପାର୍ଟୀ ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ସିପିଆଇର ସହ ସମ୍ପାଦକ ପ୍ରଶାନ୍ତ ମିଶ୍ର, ଫରୱାଡ଼ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ୍ ମହାପାତ୍ର, ପ୍ରଫେସର ବିଜୟ ବହିଦାର, ସମାଜସେବୀ ପଙ୍କଜ୍ କୁମାର, ବରିଷ୍ଠ ସାମ୍ବାଦିକ ରବି ଦାସ, ଓଡିଶା ନାଗରିକ ସମାଜର ସଭାପତି ଲଳିତ ପଟ୍ଟନାୟକ, ବରିଷ୍ଠ ସମାଜସେବୀ ତଥା ସିୱାଇଏସ୍‌ଡିର ଅଧକ୍ଷ ଶ୍ରୀଯୁକ୍ତ ପ୍ରଫୁଲ୍ଲ ସାହୁ, ସମାଜସେବୀ ବାବାଜି ଜେନା, ଓ ମହମଦ୍ ସୁକୁର୍ ପ୍ରମୁଖ ଜନଶୁଣାଣିକୁ ଶୁଣିସାରିବା ପରେ ଉଦ୍‌ବେଗ ପ୍ରକାଶ କରିବା ସହ ଓଡିଶା ଦଳିତ ଅଧିକାର ମଞ୍ଚର ୬ ଗୋଟି ଦାବିକୁ ସମର୍ଥନ କରିଥିଲେ । ଆଗାମୀ ଦିନରେ ସମଗ୍ର ଓଡିଶାରେ ଏହି ମୌଳିକ ସମସ୍ୟାକୁ ନେଇ ଏକ ଜନଅଭିଯାନ କରିବା ପାଇଁ ନିଷ୍ପତି ନିଆଯାଇଅଛି । ସଭା ଆରମ୍ଭରେ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପ୍ରଦିପ ପ୍ରଜ୍ୱଳନ କରି ଅତିଥିମାନେ ଜନଶୁଣାଣିର ରିପୋର୍ଟକୁ ଉଦ୍‌ଘାଟନ କରିଥିଲେ । ଭାରତର ସମ୍ବିଧାନର ମୁଖବନ୍ଧକୁ ସମସ୍ତେ ପାଠ କରିଥିଲେ । ମଞ୍ଚର ରାଜ୍ୟ ସଂଯୋଜକ ପ୍ରଶାନ୍ତ ମଲ୍ଲିକ ସ୍ୱାଗତ ଭାଷଣ ସେହି ରିପୋର୍ଟର ସାରାଂଶକୁ ଆଲୋଚନା କରିଥିଲେ । ମଞ୍ଚର ବାଲେଶ୍ୱର ଜିଲ୍ଲା ସଭାପତି ପ୍ରମୋଦ ପଟ୍ଟାୟତ, ସୋନପୁର ଜିଲ୍ଲା ସଭାପତି ରବିନ୍ଦ୍ର ଦିପ୍, ବୌଦ ଜିଲ୍ଲା ସଭାପତି ଗଙ୍ଗାଧର ହଂସ, ଢ଼େଙ୍କାନାଳ ଜିଲ୍ଲା ସଭାପତି କାମାକ୍ଷା ପ୍ରସାଦ ନାୟକ୍, ଝାରସୁଗୁଡା ଜିଲ୍ଲା ସଭାନେତ୍ରୀ ସୁମିତ୍ରା ପେରେ, ଯାଜପୁର ଜିଲ୍ଲା ସଭାପତି ରାଜେଶ୍ ଜେନା, ଦେବଗଡ ଜିଲ୍ଲା ସଭାପତି ଈଶ୍ୱର ନାୟକ, ଗଜପତି ଜିଲ୍ଲା ସଂଯୋଜକ ଭିକାରୀ ନାୟକ, ବାଲିପାଟଣାର କବିତା ଭୋଇ, ବାଲିଅନ୍ତାର ଦିପାଞ୍ଜଳୀ ଭୋଇ, ନିମାପଡାର ସୁନିତା ଭୋଇ, ଅଜୟ ଭୋଇ, ଗନ୍ଦିଆର ମମତା ସେଠୀ, ଭୁବନ ବ୍ଲକର ସଭାପତି କୈଳାସ ପାତ୍ର, କୋରେଇ ବ୍ଲକ ସଭାପତି ବସନ୍ତ ଜେନା, ହିନ୍ଦୋଳ ବ୍ଲକ ସମ୍ପାଦକ ପ୍ରଶାନ୍ତ ନାୟକ, ମୟୁରଭଞ୍ଜର ଅବାହକ ଚନ୍ଦ୍ରାୟ ହନ୍ସଦା ତାଙ୍କ ଅଞ୍ଚଳର ମୌଳିକ ସମସ୍ୟାକୁ ଅଲୋଚନା କରିଥିଲେ । ଶେଷରେ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭାସାଙ୍ଗ କରିଥିଲେ ।

# ଗୁଣାତ୍ମକ ଶିକ୍ଷା ଓ ସରକାରୀ ନୀତି



**ପୂ**ର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କହିଗଲେ ପରିମାଣାତ୍ମକ ଶିକ୍ଷା ଅପେକ୍ଷା ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଉ। ଏକଥା ପ୍ରଥମ କରି ରାଜନେତାଙ୍କଠାରୁ ଆରମ୍ଭ କରି ତଥାକଥିତ ସଚିବମାନଙ୍କଠାରୁ ଶୁଣାଯାଏ। କିନ୍ତୁ ଶୁଣାଯାଇ ନାହିଁ, ସବୁ ସମୟରେ ଶିକ୍ଷାନବିଶ ଓ ବିଶେଷଭାବେ ଶିକ୍ଷା ଯେତେବେଳେ ସେମାନେ ଗୋଟିଏ ରାଜ୍ୟର ଶିକ୍ଷା ବିସ୍ତାର ସଂପର୍କରେ ସୂଚନା ଦିଅନ୍ତି ସେମାନେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚଶିକ୍ଷା ପ୍ରଭୃତିରେ ଓଡ଼ିଶାର କେତେ ପ୍ରତିଶତ ପିଲା ପଢ଼ନ୍ତି ଏବଂ ତାହା ଜନସଂଖ୍ୟା ହିସାବରେ କେଉଁ ଜିଲ୍ଲା ବା ବ୍ଲକରେ କେତେ ତା'ର ହିସାବ ଦିଅନ୍ତି। ତେବେ ଗୁଣାତ୍ମକ ଶିକ୍ଷାର ଅର୍ଥ କ'ଣ ? କେଉଁ କେଉଁ ଗୁଣଯୁକ୍ତ ହେଲେ ଗୋଟିଏ ଛାତ୍ର ଗୁଣାତ୍ମକ ଶିକ୍ଷା ପାଇଛି ବୋଲି ବୁଝାଯିବ ? ଏହା ଏକ ଜଟିଳ ପ୍ରଶ୍ନ ଏବଂ ସବୁ ଦେଶ ରାଜ୍ୟରେ ଏହାର ଭିନ୍ନ ଅର୍ଥ କରାଯାଏ। କିନ୍ତୁ ପ୍ରାୟ ସମସ୍ତେ ଏକମତ ହୁଅନ୍ତି ଯେ ଗୁଣାତ୍ମକ ଶିକ୍ଷାର ତିନୋଟି ଲକ୍ଷଣ ରହିବା ଉଚିତ। ପ୍ରଥମେ ଜଣେ ଶିକ୍ଷିତ ଯୁବକ ବା ଯୁବତୀ ଜଣେ ସୁସ୍ଥ, ସଚେତନ ଓ ଦେଶପ୍ରେମୀ ନାଗରିକ। ଦ୍ୱିତୀୟରେ ସେ ଯେଉଁ ବିଷୟରେ ଉପାଧିକ ପାଇଛି ସେହି ବିଷୟ ସଂପର୍କରେ ଉପଲବ୍ଧ ଆଧୁନିକ ଜ୍ଞାନ ସେ ପାଇଛି ଯାହା ସେ ଲେଖି ଏବଂ କହି ବୁଝାଇ ଦେଇପାରେ। ତୃତୀୟରେ ଇତିହାସ, ସଂସ୍କୃତି ଏବଂ ଭାରତୀୟ ସମ୍ବିଧାନ ସଂପର୍କରେ ତା'ର ଆବଶ୍ୟକୀୟ ଜ୍ଞାନ ରହିଛି। ଜଣେ ନାଗରିକ ପାଖରେ ଯେଉଁ ସାମାଜିକ ନୈତିକତା ରହିବା ଆବଶ୍ୟକ ସେତକ ସେ ଶିକ୍ଷା ମାଧ୍ୟମରେ ହାସଲ କରିଛି। ଏହି ସାଧାରଣ ଗୁଣବ୍ୟତୀତ ତା ପାଖରେ କିଛି ଅନୁସନ୍ଧିତ୍ସା, ନିଜର ସ୍ୱତନ୍ତ୍ର ମାର୍ଗଚୟନ ଯୋଗ୍ୟତା, ସବୁ ନୂତନ ଚିନ୍ତା, ଆବିଷ୍କାର, ଉଦ୍ଭାବନ ସଂପର୍କରେ ଆଗ୍ରହ ଏବଂ ସର୍ବୋପରି ଏକ ବିଶ୍ୱଧାରଣା। ଏହି ଗୁଣଗୁଡ଼ିକର ଅବଶ୍ୟ କୌଣସି ମାନକ ନାହିଁ କେବଳ ପରୀକ୍ଷା ଖାତାରେ ଉତ୍ତର ଲେଖିବା ଛଡ଼ା ଏବଂ ଚାକିରି ପାଇଁ ୫ମିନିଟ୍‌ରେ ସାକ୍ଷାତକାରରେ ତା'ର ଉତ୍ତର ମାଧ୍ୟମରେ କେଉଁ ଗୁଣର କେତେ ଆକଳନ କରାଯାଇପାରେ ତାହା ବିବଦମାନ। କିନ୍ତୁ ବାସ୍ତବ କ୍ଷେତ୍ରରେ ଦେଖାଯାଉଛି ଯେ ମାଟ୍ରିକ ବୋର୍ଡ଼, ଯୁକ୍ତଦୁଇ ପରିଷଦ ବା ସିବିଏସଇ ଏବଂ ବିଶ୍ୱବିଦ୍ୟାଳୟରୁ ପରୀକ୍ଷା ଫଳ ଓ ମାର୍କ ତାଲିକା ମିଳିବା ପରେ ଦୌଡ଼ ଲାଗେ ଓଡ଼ିଶା, ଓଡ଼ିଶା ବାହାରର ଭଲ ଶିକ୍ଷାନୁଷ୍ଠାନ ଏବଂ ବିଦେଶରେ ପାଠ ପଢ଼ିବା ପାଇଁ ଦରଖାସ୍ତ ପକାଇବା ପାଇଁ ଏବଂ ଚାକିରି ପାଇଁ ଫର୍ମ ପୂରଣ କରିବା ପାଇଁ। ଯେଉଁମାନେ ଓଡ଼ିଶାର ଇଞ୍ଜିନିୟରିଂ ଡିଗ୍ରୀ ପାଆନ୍ତି ସେମାନେ କେମିତି ଓଡ଼ିଶା ବାହାରେ କୌଣସି କମ୍ପାନୀରେ ଚାକିରି କରିବେ ସେଥିପାଇଁ ଦିନରାତି ଏକ କରନ୍ତି। ନାମଲେଖା ବେଳେ ଅଭିଭାବକମାନେ ଦଉଡନ୍ତି। ତା'ପରେ ଜୁଲାଇ ଶେଷ ବେଳକୁ ଦେଖାଯାଏ କେଉଁ ବିଶ୍ୱବିଦ୍ୟାଳୟରେ ନାମଲେଖା ସଂପର୍କରେ ଭଙ୍ଗାରୁଜା, କେଉଁଠି ଦରମା ବଢ଼ାଇବା ପାଇଁ ଆନ୍ଦୋଳନ ଏବଂ ବିଧାନସଭାର ମୌସୁମୀ ଅଧିବେଶନ ବେଳେ ସବୁ ବେସରକାରୀ ସ୍କୁଲ ଓ କଲେଜ ଶିକ୍ଷକମାନଙ୍କର ଆନ୍ଦୋଳନ। କେଉଁଠି ପିଲା ଆନ୍ଦୋଳନ କରନ୍ତି ସବୁ ବିଭାଗରେ ଶିକ୍ଷକ ନାହାନ୍ତି ବୋଲି କେଉଁଠି ଶିକ୍ଷକମାନେ ଚାକିରି ସର୍ତ୍ତ ପଦୋନ୍ନତି ପାଇଁ ପତାକା ଉଡାଇ ରାସ୍ତାରେ ଚାଲନ୍ତି ଏବଂ ଅନ୍ୟଠି ଶିକ୍ଷକମାନେ ତାଲା ବନ୍ଦ କରି ବ୍ଲକଗ୍ରାଣ୍ଟ ଇତ୍ୟାଦି ପାଇଁ ଆନ୍ଦୋଳନ କରନ୍ତି। ଶିକ୍ଷା ବିଭାଗରେ ଯେତେ ମାମଲା ଅଦାଲତକୁ ଯାଏ ବୋଧହୁଏ ଅନ୍ୟ କୌଣସି ବିଭାଗରେ ତାହା ଦେଖାଯାଏ ନାହିଁ। ସରକାର ପ୍ରତି ସ୍କୁଲ-କଲେଜ-ବିଶ୍ୱବିଦ୍ୟାଳୟରେ ଭଲ ପାଠାଗାର ପାଇଁ ପ୍ରତିବର୍ଷ ନୂଆ ବହି କିଣିବା ପାଇଁ ଅନୁଦାନ ଦିଅନ୍ତି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ମଧ୍ୟ ଟଙ୍କା ଦିଏ। ପ୍ରତିବର୍ଷ ବହି କିଣାଯାଏ। କିନ୍ତୁ ଯଦି ଅନୁଧ୍ୟାନ କରାଯାଏ ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ ପୁସ୍ତକ ପଢ଼ିବା ପାଇଁ କୌଣସି ପିଲା ପାଠାଗାର ଆଗରେ ଧାଡ଼ି ଲଗାଏ ନାହିଁ। ବର୍ତ୍ତମାନ ଗୁଗୁଲ୍ ଗୁରୁ ଯେହେତୁ ସର୍ବଜ୍ଞାନ ଗୁଣାଧିକାରୀ ସବୁ ଭଲ ପିଲା ଏବଂ ମେଧାବୀ ପିଲା ଇଣ୍ଟରନେଟ୍ ଆଗରେ ବସନ୍ତି। ବହି ପଢ଼ିବାର ଧୈର୍ଯ୍ୟ କାହାର ନାହିଁ। କୌଣସି ବିଷୟରେ ଗଭୀର ଜ୍ଞାନର ଆବଶ୍ୟକତା କେଉଁଠି ନାହିଁ। ଭଲ ମଣିଷ ହେବା ଅର୍ଥ ଚାକିରି କରି ଦିନରେ ୧୨ଘଣ୍ଟା ଖଟି ମୋଟା ଦରମା ପାଇ କାହା ସହିତ ସଂପର୍କ ନରଖି ବଞ୍ଚିବା। ରାସ୍ତାରେ ନାରୀର ଅବମାନନା ବେଳେ କେହି ଅଟକେ ନାହିଁ। ଦୁର୍ଘଟଣାଗ୍ରସ୍ତ ହୋଇ କୌଣସି ବ୍ୟକ୍ତି ରକ୍ତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ ତାକୁ ଶୀଘ୍ର ଡାକ୍ତରଖାନା ନେବାର ଭଲପଣ ଆମ ଶିକ୍ଷା ଶିଖାଏ ନାହିଁ। ସବୁ କଥାରେ ବିବାଦ ସୃଷ୍ଟି କରି ସାମାନ୍ୟ କଥାରୁ ଗଣ୍ଡଗୋଳ ସୃଷ୍ଟି କରି ଦାବି ପୂରଣ ପାଇଁ ରାସ୍ତାରେ ମାର୍ଚ୍ଚ କରିବା ପାଇଁ ଆମର ସମୟର ଅଭାବ ନାହିଁ। ସାମାନ୍ୟ କେତୁଟା ଡଲାର ପାଇଁ ଓଡ଼ିଶା ବା ଭାରତ ଛାଡ଼ି ଆମେରିକା-ଅଷ୍ଟ୍ରେଲିଆ ଗଲାବେଳେ ଆମର ଦେଶପ୍ରେମ ଆଘାତ ପାଏନାହିଁ। ଆମର ଲୋକପ୍ରତିନିଧିମାନେ ଯେଉଁ ଭାଷା କହନ୍ତି ଏବଂ ବିଧାନସଭା, ଲୋକସଭା, ରାଜ୍ୟସଭାରେ ଯେପରି ବ୍ୟବହାର କରନ୍ତି ସେହି ହେଲା ଆମର ଗୁଣାତ୍ମକ ଶିକ୍ଷାର ଆଦର୍ଶ। ତାକୁ ହିଁ ଆମେ ଅନୁକରଣ କରୁ। ତେବେ ଜ୍ଞାନ, ପ୍ରଜ୍ଞା ଓ ଗୁଣାତ୍ମକ ଶିକ୍ଷାର ଅନ୍ୟ ଲକ୍ଷଣ ସବୁ ଆମେ ପାଇବା କେଉଁଠୁ? ସରକାରୀ ନୀତି ଓ ସଂସଦ-ବିଧାନସଭାରେ ନୀତି ନିର୍ଦ୍ଧାରକଙ୍କ ଆଚରଣ ଆମ ଗୁଣବତ୍ତାକୁ ଯେଉଁ ଦିଗ୍‌ଦର୍ଶନ ଦିଏ ସେହି ଅନୁପାତରେ ଆମର ଗୁଣାତ୍ମକ ଶିକ୍ଷା ଚାଲିଛି।

**–ଅରୁନ୍ଧତୀ ଦେବୀ, ଶୋଭନୀୟ ଶିକ୍ଷାଶ୍ରମ, ଯାଜପୁର**


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


# ମାର୍ଚ୍ଚ ୩୧ ସୁଦ୍ଧା ଜଗନ୍ନାଥଙ୍କ ଟଙ୍କା ଫେରାଇବାକୁ 'ଆମ ଜନତା ଅଧିକାର' ସଂଗଠନ ପକ୍ଷରୁ ଦାବି

ଭୁବନେଶ୍ୱର (ପିଏନ୍): ୟେସ୍ ବ୍ୟାଙ୍କର ଦେବାଳିଆ ପରିସ୍ଥିତିରେ ଜଗନ୍ନାଥଙ୍କର ୫୪୫ କୋଟି ଟଙ୍କା ଆଉ ଫେରି ପାଇବା ନେଇ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଏକ ପ୍ରକାର ସନ୍ଦେହ ସୃଷ୍ଟି ହୋଇଛି। ପ୍ରଭୁ ଜଗନ୍ନାଥଙ୍କର ହୁଣ୍ଡିର ଟଙ୍କା କେବଳ ଜାତୀୟକରଣ ବ୍ୟାଙ୍କରେ ରହିବାର ନିୟମ ଥିବାବେଳେ ସରକାରଙ୍କର କିଛି ଅସାଧୁ ଅଧିକାରୀ ବେଆଇନ୍ ଭାବରେ କୋଟି କୋଟି ଟଙ୍କାର କିକ୍‌ବ୍ୟାକ କରି ଏହି ଟଙ୍କାକୁ ନେଇ ୟେସ୍ ବ୍ୟାଙ୍କରେ ରଖିଥିଲେ। କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଭାବାବେଗ ସହିତ ଖେଳି ସମସ୍ତ ଦାନ ଅର୍ଥକୁ ଅଧିକ ସୁଧ ପାଇବା ଦର୍ଶାଇ ଏପରି କରିବା ଯେ କେତେଦୂର ଗର୍ହିତ ଅପରାଧ ତାହା ବର୍ତ୍ତମାନ ଜନସାଧାରଣଙ୍କର ପ୍ରତିକ୍ରିୟାରୁ ସ୍ପଷ୍ଟ ବାରି ହୋଇପଡୁଛି। ତତ୍କାଳୀନ ମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରଦୀପ୍ତ ମହାପାତ୍ର ଓ ଚଟାର୍ଡ଼ ଆକାଉଣ୍ଟାଣ୍ଟ ବିଜୟ ସାହୁଙ୍କ ମିଳି ଭଗତରେ ଏହି ଟଙ୍କା ଜାତୀୟକରଣ ବ୍ୟାଙ୍କରୁ ଉଠାଇ ୟେସ୍ ବ୍ୟାଙ୍କ ଭଳି ପ୍ରାଇଭେଟ ବ୍ୟାଙ୍କରେ ରଖି ଓ ମନ୍ଦିର ପରିଚାଳନା କମିଟିକୁ ଅନ୍ଧାରରେ ରଖି ଉଭୟ ୬% ପିସି ଖାଇ ଏପରି କରିଥିବାର ସାଧାରଣରେ ଅଭିଯୋଗ ହୋଇଛି। ଏହି ଟଙ୍କାରେ ବିଦେଶ ଭ୍ରମଣ କରିବା ସହିତ ଜମି କିଣିବା ଓ ବେସରକାରୀ ସ୍କୁଲ୍‌ରେ ବିନିଯୋଗ କରିବା ମଧ୍ୟ ନଜିର ଆସିଲାଣି। ବିଜୟ ସାହୁଙ୍କ ମାଲକାନଗିରିରେ ଥିବା ସାଇ ଇଣ୍ଟରନ୍ୟାସନାଲ ସ୍କୁଲ୍‌ର ଦ୍ୱିତୀୟ କ୍ୟାମ୍ପସକୁ ୟେସ୍ ବ୍ୟାଙ୍କ ମଧ୍ୟ ୩୦ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରିବା, ଏହି ଘଟଣାକୁ ଆହୁରି ସନ୍ଦେହ ଭିତରକୁ ଟାଣିନେଉଛି। ବର୍ତ୍ତମାନ ଟଙ୍କା ଫେରିବାର ସମ୍ଭାବନା କ୍ଷୀଣ। ଏପରି ସ୍ଥିତିରେ ମାନ୍ୟବର ମୁଖ୍ୟମନ୍ତ୍ରୀ ତୁରନ୍ତ ଏହି ଟଙ୍କା ମନ୍ଦିର ପ୍ରଶାସକକୁ ପ୍ରଦାନ କରନ୍ତୁ ଏବଂ ଦୋଷୀ ଅଧିକାରୀଙ୍କୁ ଦିଆଯାଇଥିବା ବିଭିନ୍ନ ପଦବୀରୁ ବହିଷ୍କାର ସହିତ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଗିରଫ କରିବାକୁ ଦାବୀ କରିଛି "ଆମ ଜନତା ଅଧିକାର ସଂଗଠନ"। ଗତ ୧୩ ତାରିଖ ଦିନ ରାଜ୍ୟ ଓ ରାଜ୍ୟ ବାହାରର ୨୦୦ରୁ ଅଧିକ ସାମାଜିକ କର୍ମୀଙ୍କୁ ନେଇ ବିଧିବଦ୍ଧ ଭାବରେ ଏହି ଅଣରାଜନୈତିକ ସଂଗଠନ ପୁରୀଠାରେ ଆନୁଷ୍ଠାନିକ ଭାବରେ ଗଠନ ହେବା ସହିତ ଜଗନ୍ନାଥଙ୍କ ନିକଟରେ ଏହି ଉଦ୍ଦେଶ୍ୟରେ ଦୀପଦାନ କରିଥିଲେ। ଏହା ସହିତ ସିଂହଦ୍ୱାର ଥାନାରେ ମଧ୍ୟ ସଂଗଠନ ଏକ ଏତଲା ଦାୟର କରିଥିଲା। ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା ହେବାର ଥିଲା ଏହି ଯେ, ଗତ ୧୬ ତାରିଖ ଠାରୁ ଟଙ୍କା ନ ଫେରିବା ପର୍ଯ୍ୟନ୍ତ ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ସତ୍ୟାଗ୍ରହ ଆରମ୍ଭ ହେବ। କିନ୍ତୁ ସତ୍ୟାଗ୍ରହକୁ ପୋଲିସ୍ ମଞ୍ଜୁର ନଦେବା, ସତ୍ୟାଗ୍ରହ କାର୍ଯ୍ୟକ୍ରମରେ ଓଡ଼ିଆମାନେ ଏକାଠି ହୋଇ ସରକାରଙ୍କୁ ଘେରିବା ଭୟରେ ଓଡ଼ିଶା ରାଜ୍ୟ ସରକାର କୋରନା ମହାମାରୀ ଘୋଷଣା କରି ଆମ ଜନତା ଅଧିକାରର ଏଭଳି କାର୍ଯ୍ୟକ୍ରମକୁ ଦବାଇ ଦେବା ପାଇଁ ଯେଉଁ ଘୋଷଣା କଲେ ସେଥିରେ ସାଧାରଣ ଜନତାଙ୍କ ମଧ୍ୟରେ କରୋନାକୁ ନେଇ କୋକୁଆ ଭୟ ସୃଷ୍ଟି ହୋଇଛି ଏବଂ ଏଥିସହ ସମଗ୍ର ଓଡ଼ିଶାରେ ସ୍ୱତଃ ଏମରଜେନ୍ସି ଜାରି ହୋଇ ଲୋକମାନଙ୍କର ଗଣତାନ୍ତ୍ରିକ ଅଧିକାର କ୍ଷୁର୍ଣ୍ଣ ହୋଇଯାଇଛି। ଏଥିପାଇଁ ଗତ ୧୬ ତାରିଖ ଠାରୁ ଓଡ଼ିଶାର ସମସ୍ତ ମନ୍ଦିରରେ ଏବଂ ନିଜ ନିଜ ଘରେ ଦୀପ ଦାନ କରି କାଳିଆ ଟଙ୍କା ଫେରିବା ପ୍ରାର୍ଥନ କରିବା ପାଇଁ ପ୍ରତ୍ୟେକ ଗୁରୁଜନ ଭାଇଭଉଣୀ, ମା, ମାଉସୀ, ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନିବେଦନ କରାଯାଉଛି। ପଲ୍ଲୀଠାରୁ ଜିଲ୍ଲା ସାରା ସବୁ ଅଞ୍ଚଳରେ ସାମୁହିକ ଦୀପଦାନ କରି ଟଙ୍କା ଫେରି ପାଇବା ପାଇଁ ଏପରି କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବା ସହ ଆସନ୍ତା ୩୧ ମାର୍ଚ୍ଚ ତାରିଖ ସୁଦ୍ଧା କାଳିଆର ଟଙ୍କା ନଫେରାଇଲେ ଏପ୍ରିଲ ୧ ଉତ୍କଳ ଦିବସ ଠାରୁ ଟଙ୍କା ଫେରିବା ପାଇଁ ସତ୍ୟାଗ୍ରହ ଆରମ୍ଭ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆମ ଜନତାର ଆବାହକ ମନୋଜ ଜେନା, ସହ ଆବାହକ ବାସୁଦେବ ଭଟ୍ଟ, ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଶତପଥୀ, ପ୍ରସନ୍ନ ବିଷୋୟୀ, ଜେ. ଜଗବନ୍ଧୁ ଜେନା, ବିଜୟ ମହାପାତ୍ର, ରାଜୀବ ପଟ୍ଟନାୟକ, ସତ୍ୟବ୍ରତ ଜେନା, ଅଜିତ ଦାସ, ଭକ୍ତିରଞ୍ଜନ ପଲାଇ, ପ୍ରଣତି ସ୍ୱାଇଁ, ରମେଶ ଭାରତୀଙ୍କ ସହ ସମସ୍ତ କୋର୍ କମିଟିଙ୍କ ଉପସ୍ଥିତିରେ ଏହା ନିବେଦନ କରାଯାଇଛି।

# ରୋଜଗାର ଅଭାବରୁ ଘାସ ଚୋବାଇଲେ ଗାଁସାଥୀ



ଭୁବନେଶ୍ୱର (ପିଏନ୍): ଗାଁସାଥୀ (ମେଟ୍) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି, ଓଡ଼ିଶା ପ୍ରଦେଶର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧକ୍ଷତାରେ ସ୍ଥାନୀୟ ଉତ୍କଳ ସାମ୍ବାଦିକ ଭବନ ପରିସରରେ କିଛି ଅଭିନବ ଉପାୟରେ ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ସମଗ୍ର ଓଡ଼ିଶାର ପ୍ରାୟ ଅଧିକାଂଶ ଗାଁସାଥୀ (ମେଟ୍) ରୋଜଗାର ଅଭାବରୁ ଆଜି ଏକ ନିଆରା ଢଙ୍ଗରେ ତାଙ୍କର ରାଜ୍ୟ କମିଟିର ସଭ୍ୟ ସଭ୍ୟାଙ୍କ ଜରିଆରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଚେତାଇ ଦେବାର ଉଦ୍ୟମ କରିଛନ୍ତି ବୋଲି ସଂଘ ତରଫରୁ ପ୍ରକାଶ। ଏଠାରେ ନିବେଦନଯୋଗ୍ୟ ଯେ ଚଳିତ ବିଧାନସଭାରେ ଗଁସାଥୀଙ୍କ ପ୍ରସଙ୍ଗ ପ୍ରଶ୍ନ ଉତ୍‌ଥାପନ ପାଇଁ ରାଜ୍ୟର ସମସ୍ତ ବିଧାୟକ, ବିଧାୟିକାମାନଙ୍କୁ ସଂଘ ତରଫରୁ ଅନୁରୋଧ କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ, ସଂଘର ପ୍ରମୁଖ ସଂଗଠକମାନେ ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ଆଗରେ ଘାସ ଚୋବାଉ ଥିବାର ଲକ୍ଷ୍ୟ କରାଯାଇଥିଲା। ଏହାର କାରଣ ସମ୍ପର୍କରେ ପଚାରିବାରୁ ଶ୍ରୀମାନ ବିଶ୍ୱାଳ ସ୍ପଷ୍ଟ କହିଥିଲେ ଯେ, ଏକାଧିକ ସରକାରୀ ଚିଠି ଓ ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ପ୍ରତାପ ଜେନା ଆଜ୍ଞାଙ୍କ ୨୮ ନଭେମ୍ବର ୨୦୧୯ର ଗଣମାଧ୍ୟମ ବୟାନ, ଏହି ଉଭୟ ତଳସ୍ତରରେ ସଠିକ୍ ଭାବେ କାର୍ଯ୍ୟକାରୀ ନହେବାରୁ ରୋଜଗାର ଅଭାବରୁ ଆଜି ଗାଁସାଥୀ (ମେଟ୍) ସଂଗଠକ ମାନେ ଘାସ ଚୋବାଇବାକୁ ବାଧ ହେଲେ। ଏଣୁ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଓ ପଞ୍ଚାୟତିରାଜ ବିଭାଗର ଚିଠି ନଂ-୯୪୦ ତା ୧୧.୧.୧୯ ଅନୁଯାୟୀ ରାଜ୍ୟରେ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ସର୍ବନିମ୍ନ ୧୦୦ ଦିନର କାର୍ଯ୍ୟ ପାଇନଥିବା ସମସ୍ତ ଗାଁସାଥୀ (ମେଟ୍)ମାନଙ୍କ ପାଇଁ ସଠିକ୍ କ୍ଷତିପୂରଣର ବ୍ୟବସ୍ଥା ସରକାର କରନ୍ତୁ। ଏଥିସହିତ ରାଜ୍ୟର ପଶ୍ଚିମାଞ୍ଚଳରେ ଥିବା ୪ଜିଲ୍ଲାର ୨୦ଟି ବ୍ଲକର ଯେପରି ଭାବେ ଜବକାର୍ଡ଼ଧାରୀ ମାନଙ୍କ ପାଇଁ ବର୍ଷକୁ ୨୦୦ ଦିନର କାର୍ଯ୍ୟ ଓ ଦୈନିକ ମଜୁରୀ ୨୮୬ ଟଙ୍କା ୩୦ ପଇସା ଆମ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଜାନୁୟାରୀ ୧୫ରେ ଘୋଷଣା କଲେ। ସେହି ସମାନ ପ୍ରକାର ଘୋଷଣା ସାରା ଓଡ଼ିଶାର ୬୩ ଲକ୍ଷରୁ ଉର୍ଦ୍ଧ୍ୱ ଜବ୍‌କାର୍ଡ଼ଧାରୀ ମାନଙ୍କ ପାଇଁ ପୁରା ୩୦ ଜିଲ୍ଲା ଓ ୩୧୪ ବ୍ଲକରେ ବ୍ୟବସ୍ଥା କରାଯାଉ ବୋଲି ସଂଘ ଦାବି କରିଛି। ଏହା ସହିତ ଉଭୟ ଜବକାର୍ଡ଼ଧାରୀ ଓ ଗାଁସାଥୀ (ମେଟ୍)ମାନଙ୍କ ବକେୟା ମଜୁରୀ ଓ ପ୍ରାପ୍ୟକୁ ସାରା ଓଡ଼ିଶାରେ ସଠିକ୍ ତଦନ୍ତ ପୂର୍ବକ ତୁରନ୍ତ ପ୍ରଦାନ କରିବାର ରାଜ୍ୟସ୍ତରୀୟ ବ୍ୟବସ୍ଥା ଲାଗି ସଂଘ ଦାବି ଜଣାଇଛି। ଏହି ତିନୋଟି ପ୍ରମୁଖ ଦାବିକୁ ରାଜ୍ୟ ସରକାର ଆଗାମୀ ୧ ସପ୍ତାହ ମଧ୍ୟରେ ସଂଘର କର୍ମକର୍ତ୍ତାଙ୍କ ସହିତ ଏକ ମିଳିତ ତଥା ସକାରାତ୍ମକ ଆଲୋଚନା ବଳରେ ପୂରଣ କରିବା ଲାଗି ସଂଘ ସରକାରଙ୍କ ନିକଟରେ ବିନମ୍ର ନିବେଦନ ଜଣାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ସୌଭାଗ୍ୟ ମିଶ୍ର, କୁଳମଣି ମେଣ୍ଟା, ରବିନ୍ଦ୍ର ପ୍ରଧାନ, ଗୀତାଞ୍ଜଳି ପାତ୍ର, ଚରଣ ନାହାକ, ପବିତ୍ର ସୁନ୍ଦରାୟ, ପରମାନନ୍ଦ ମାଝୀ, ଶଙ୍କର୍ଷଣ ପଲାଇ, ବିପିନ ନାହାକ, ସ୍ମୃତିନରଞ୍ଜନ ନାୟକ, ସୁଶିଳା ନାୟକ, କୁମୁଦିନୀ ପତି ଓ ଅନ୍ୟ ୭୦ରୁ ଉର୍ଦ୍ଧ୍ୱ ତ୍ୟାଗୀ ଗୁଣୀ ଗାଁସାଥୀ ସଂଗଠକ ଉପସ୍ଥିତ ଥିଲେ।




# ଜିଲ୍ଲାପାଳଙ୍କ ଅଫିସ ଆଗରେ ଆତ୍ମାହୁତି ପାଇଁ ଚେତାବନୀ

ବାଲେଶ୍ୱର(ପିଏନ)- ଦୀର୍ଘ ୭ବର୍ଷ ଧରି ବାଲେଶ୍ୱର ମାଲଗୋଦାମ ଅଞ୍ଚଳରେ ନିଜର ଟ୍ରକ ଚଳାଇବା ପାଇଁ ଚେଷ୍ଟା କରି ବିଫଳ ହୋଇଥିବା ସହଦେବଖୁଣ୍ଟା ଥାନା ଅଞ୍ଚଳର ଲକ୍ଷ୍ମୀ ରାଉତ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି । ୭ବର୍ଷ ପୂର୍ବରୁ ସେ ମାଲଗୋଦାମ ଟ୍ରକସଂଘରେ ୬ଚକିଆ ଟ୍ରକର ମେମ୍ବରସିପ୍ ପାଇଁ ଆବେଦନ କରିଥିଲେ । ହେଲେ ଏପର୍ଯ୍ୟନ୍ତ ତାଙ୍କୁ ସଦସ୍ୟଭାବେ ଗ୍ରହଣ କରାଯାଇ ନାହିଁ । ମେମ୍ବରସିପ୍ ପ୍ରଦାନ ପାଇଁ ସେ ଅନଶନ ଠାରୁ ଆରମ୍ଭ କରି ଉଚ୍ଚ ନ୍ୟାୟାଳୟରେ ମଧ୍ୟ ଆଶ୍ରା ନେଇଥିଲେ । ଉଚ୍ଚ ନ୍ୟାୟାଳୟ ଜିଲ୍ଲାପାଳଙ୍କୁ ଏଥିରେ ହସ୍ତକ୍ଷେପ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ କୋର୍ଟରେ ମାଲଗୋଦାମ ଟ୍ରକ୍ ସଂଘର କର୍ତ୍ତୃପକ୍ଷ ଉପସ୍ଥିତ ହେବା ସହିତ ଜିଲ୍ଲାପାଳ ଲକ୍ଷ୍ମୀଙ୍କୁ ସଦସ୍ୟତା ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାଙ୍କୁ ସଦସ୍ୟତା ଦିଆଯାଇ ନାହିଁ ବୋଲି ଲକ୍ଷ୍ମୀ କହିଛନ୍ତି । ବେସରକାରୀ ସଂସ୍ଥାରୁ ଋଣ ଆଣି ଟ୍ରକ୍ କିଣିଥିବା ଲକ୍ଷ୍ମୀ ଅନ୍ୟ ଉପାୟ ନପାଇ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଆତ୍ମାହୁତି ଦେବେବୋଲି କହିଥିଲେ ।

# ବରିଷ୍ଠ ଶ୍ରମିକନେତା ନିରଞ୍ଜନ ପଢିଆରୀଙ୍କ ପରଲୋକ

ବାଲେଶ୍ୱର(ପିଏନ)-ବାଲେଶ୍ୱର ନେସ୍କୋ କର୍ମଚାରୀ ସଂଘର ବିଶିଷ୍ଟ ଶ୍ରମିକନେତା ନିରଞ୍ଜନ ପଢିଆରୀଙ୍କ ଆଜି ପରଲୋକ ହୋଇଯାଇଛି । ସେ ବିଦ୍ୟୁତ୍ କର୍ମଚାରୀଙ୍କର ବିଭିନ୍ନ ସମସ୍ୟା ଓ ଜନସମସ୍ୟା ନେଇ ବିଭିନ୍ନ ଆନ୍ଦୋଳନ କରି ଏଥିରେ ସଫଳ ହୋଇଥିଲେ । ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସାଙ୍ଗରେ ଧରି ନେସ୍କୋ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖର ଜାତୀୟ ରାଜପଥ ଧାରରେ ୨ମାସରୁ ଅଧିକାର କାଳ ଧାରଣାରତ ଥାଇ ଶ୍ରମିକଙ୍କ ଦାବି ହାସଲ କରିବାରେ ସଫଳ ହୋଇଛି । ତାଙ୍କ ନେତୃତ୍ୱରେ ନେସ୍କୋ ସଫେଇ କର୍ମଚାରୀମାନେ ଧାରାବାହିକ ଭାବେ ରକ୍ତଦାନ କରିବା ସହ ବାଲେଶ୍ୱର ସାମ୍ବାଦିକ ମାନଙ୍କର ପ୍ରେସ୍‌ଫୁରମ ଆନୁକୂଲ୍ୟରେ ପ୍ରତିବର୍ଷ ୨୬ ଜାନୁଆରୀ ମଧ୍ୟ ସଂଘର କର୍ମକର୍ତ୍ତାମାନଙ୍କ ସହ ରକ୍ତଦାନକରେ ବ୍ରର୍ତ୍ତିଥିଲେ । ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ନିରଞ୍ଜନ ଦାସ, ରବି ରାଉତ, ଅପର୍ଣ୍ଣା ମହାପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ସମୀର ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି । ବଡ଼ ପରିତାପର ବିଷୟ ତାଙ୍କର ଶବଧାରକୁ ଶେଷକୃତ୍ୟ ପାଇଁ ପୁରୀ ନୀଳାଞ୍ଚଳ ଧାମା ସ୍ୱର୍ଗଦ୍ୱାରକୁ ନିଆଯାଉଥିବା ବେଳେ କରୋନା ଭାଇରସ୍‌ର କଟକଣା ଯୋଗୁଁ ତାଙ୍କ ଶବଧାରକୁ ପିପିଲି ଠାରୁ ଫେରାଇ ଆଣାଯାଇଥିଲା । ୮ ପଢିଆରୀଙ୍କ ବିୟୋଗରେ ନେସ୍କୋ ସଫେଇ କର୍ମଚାରୀ ସଂଘ ଓ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ସେ ନେସ୍କୋ ସଫେଇ ବିଭାଗରେ ଜଣେ ବରିଷ୍ଠ କର୍ମଚାରୀ ଥାଇ ଅବସରଗ୍ରହଣ କରି ଶ୍ରମିକସଂଗଠନ ଓ ଧର୍ମପରାୟଣ କାର୍ଯ୍ୟ ଓ ସମାଜସେବାରେ ନିଜକୁ ବର୍ତ୍ତି କରାଇଥିଲେ । ବାଲିଆଠାରେ ସେ ମଧ୍ୟ ଏକ ଶ୍ରୀଶନିଦେବ ଏକ ମନ୍ଦିର ଗଠନ କରି ତାହାର ପୂଜାର୍ଚ୍ଚନା କରିବା ସହ ଭଜନ କୀର୍ତ୍ତନ ଓ ଅନ୍ନ ଦାନ ଭଳି ପ୍ରତିବର୍ଷ କାର୍ଯ୍ୟକ୍ରମ କରାଇ ବେଶ୍ ଲୋକପ୍ରିୟ ଥିଲେ ।



କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ତାଙ୍କ ଗ୍ରିସ୍ ପ୍ରତିପକ୍ଷଙ୍କୁ ଏକ ଅରଟ ପ୍ରତିକୃତି ପ୍ରଦାନ କରୁଛନ୍ତି

# ବଡଚଣା ପୋଲିସ ପକ୍ଷରୁ କରୋନା ସଂପର୍କରେ ସଚେତନତା

ନେଉଳପୁର, ୧୬/୩(ପି.ଏନ)- ବଡଚଣା ଥାନା ଆରକ୍ଷୀ ନିରୀକ୍ଷକ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ ଚଣ୍ଡିଖୋଲ ଫାଣ୍ଡିଅଧିକାରୀ ଶୁଶୀଳ କୁମାର ନାୟକ, ଏସ.ଆଇ.ଜ୍ୟୋତି ରଞ୍ଜନ ମହାପାତ୍ର, ସରପଂଚଙ୍କ ପ୍ରତିନିଧି ସଞ୍ଜୟ କୁମାର ସ୍ୱାଇଁ, ନାଏବ ସରପଂଚ ମସୀର ଆଲାମ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମଚନ୍ଦ୍ରମଲିକ. ସମାଜ ସେବୀ ଅନିଦ୍ୟ ସାମଲ, ପ୍ରସନ୍ନ ଚୌଧୁରୀ ପ୍ରମୁଖ ଚଣ୍ଡିଖୋଲ ବଜାରରେ ଦୀର୍ଘ ୪ କି.ମି. ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ଦ୍ୱାରା କରୋନା ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଓ ଚଣ୍ଡିଖୋଲ ଛକରେ ଗୋଟିଏ ସ୍ଥାନରେ ୫ଜଣଙ୍କୁ ଅଧିକ ନ ରହିବା ପାଇଁ ଓ ବାରମ୍ୱା ରହାତକୁ ପରିଷ୍କାର କରିବା ସମସ୍ତେ ଏକମିଟର ଦୂରତା



ଭିତରେ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଇଥିଲା । ଥାନା ଅଧିକାରୀ ଦୀପକ ଜେନା ସାଧାରଣ ଲୋକଙ୍କୁ ଏଥିରେ ଆତଙ୍କିତ ନହେବାକୁ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଆର.ଟି.ଓ ଅଫିସରୁ ଭିଡ କମାଇବା ପାଇଁ କେନ୍ଦ୍ରାଂଳ ରାଜସ୍ୱ କମିଶନର ଓ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଆସନ୍ତା କାଲି ଠାରୁ ଲାଇସେନ୍ସ କାମକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ବଡଚଣାରେ କରୋନା ପାଇଁ ସଚେନତା ନାହିଁ

ନେଉଳପୁର, ୧୬/୩(ପି.ଏନ)- କରୋନା ପାଇଁ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରୁଛନ୍ତି । ସୋମବାର ଭୁବନେଶ୍ୱରରେ ଏକ ସଂକ୍ରମିତ ବ୍ୟକ୍ତି ଚିହ୍ନଟ ହେଲା ପରେ ପ୍ରଶାସନ ଆ ହୁରୀ ସଜାଗ ହୋଇ ଉଠିଛି। ବିଶେଷ କରି ବିଭିନ୍ନ ସ୍ଥାନରେ ଓ କାର୍ଯ୍ୟାଳୟରେ ଏକାଠି ଲୋକମାନେ ଠୁଳ ନହେବାକୁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛ। ଯାଜପୁର ଜିଲ୍ଲା ପ୍ରଶାସନ ମଧ୍ୟ ଜିଲ୍ଲାରେ ୧୪୪ ଧାରା ଜାରିକରି ଏକାଠି ଠୁଳ ନେହବାକୁ ନିର୍ଦ୍ଦେଶ ଦେଇଛି। ମାତ୍ର ଏହି ନିର୍ଦ୍ଦେଶ ବଡଣାର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ପାଳନ ହେଉ ନଥିବା ଦେଖୀବାକୁ ମିଳି ନ ଥିଲା। ଚଣ୍ଡିଖୋଲ ଆଂଚଳି ପରିବହନ କାର୍ଯ୍ୟାଳୟରେ ସୋମବାର ସାଧାରଣ ଲୋକଙ୍କର ଲମ୍ବା ଧାଡି ଲାଗିଥିଲା। କାଁଭାଁ କିଛି ଲୋକଙ୍କ ମୁହଁରେ ମାସ ବ୍ୟତୀତ ଅନ୍ୟ ଲୋକଙ୍କ ମୁହଁରେ ମାସର ଚିହ୍ନବର୍ଣ୍ଣ ନଥିଲା। ଗହଳୀ ଠାରୁ ଦୂରେଇ ରହିବାକୁ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସେପରି ସଚେତନତା କରାଇବା ଯୋଜନା ନଥିଲା ପରି ଦେଖାଯାଇଥିଲା. ମାତ୍ର କିଛି ସମୟ ପରେ ବଡଚଣା ଥାନା ଅଧିକାରୀ ଦୀପକ କୁମାର ଜେନା ଓ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଶୁଶୀଳ କୁମାର ନାୟକ ପରିବହନ କାର୍ଯ୍ୟାଳୟରେ ପହଂଚି ପାଖାପାଖି ଗୋଟିଏ ମିନିଟ ଦୂରତାରେ ଛିଡା ହୋଇ ରହିବାକୁଲୋକମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ବିଶେଷ କରି ଷ୍ଟେଟ ବ୍ୟାଙ୍କରେ ଆଜି ସାଧାରଣ ଲୋକଙ୍କର ଭିଡ ରହିଥିଲା। ବ୍ୟାଙ୍କ ପକ୍ଷରୁ ମଧ୍ୟ ଲୋକମାନଙ୍କୁ ସଚେରନ କରାଇବା ପୋାଇଁ ସେପରି କାର୍ଯ୍ୟକ୍ରମ ଦେଖିବାକୁ ମିଳୀ ନଥିଲା। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ କରୋନା ରୋଗ ନ ବ୍ୟାପିବାକୁ ଯେପରି ସଚେତନତା ସୃଷ୍ଟି କରାଇବା କଥା ତାହା ହୋଇ ନଥିବା ଜଣାଯାଇଛି। ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ରଶ୍ମିରଞ୍ଜନ ପଶାୟତଙ୍କ ପଚାରିବାରୁ ଗତକାଲି ଠାରୁ ଆଶା ଅଙ୍ଗନବାଡି ଓ ଏନ.ଏମ କର୍ମୀ ମାନଙ୍କୁ ତାଲିମ ଦିଆଯିବ ଓ ସେମାନେ ଘରକୁ ଘର ବୁଲି ଲୋକମାନଙ୍କୁ ସଚେନତା କରାଇବେ। ଆଇସୋଲେସନ ଗୃହ ଦିନେ ଦୁଇ ଦିନ ଭିତରେ ପ୍ରସ୍ତୁତ ହୋଯିବ ବୋଲି କହିଥିଲେ। ବଜାରରେ ମାସ ଗୁଡିକର ଦାମ ୩୦ ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ ପହଂଚିଲାଣୀ। ଆଂଚଳିକ ପରିବହନ ।କର୍ଯ୍ୟାଳୟ ଚଣ୍ଡିଖୋଲରେ ଆଜି ମଧ୍ୟ ୮ଶହରୁ ଉର୍ଦ୍ଧ ଲୋକଙ୍କର ଲର୍ଣ୍ଣୀଂ ଲାଇସେନ୍ସ ଓ ଡ୍ରାଇଭିଙ୍ଗ ଲାଇସେନ୍ସ ପାଇଁ ମଧ୍ୟ ଭିଡ ଜମିଥିଲା। ଆଶା କରାଯାଉଛି ଏହି ଭିଡ ଢ଼ଧରେ କରୋନା ଭୂତାଣୁରେ ସଂକ୍ରମିତ ହୋଇ ପାରନ୍ତି। ଏହି ଭିଡକୁ କମାଇବା ପାଇଁ ଓ ଲର୍ଣ୍ଣିଂ ଲାଇସେନସ କାର୍ଯ୍ୟକୁ ଏକମାସ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଓ ଜିଲ୍ଲାପାଳଙ୍କୁ ମଧ୍ୟ ଅବଗତ କରାଯାଇଛି। ଆଶା କରାଯାଉଛି ଆସନ୍ତାକାଲି ଠାରୁ ଏହି କାର୍ଯ୍ୟାଳୟ ଭିଡ ନରହିଲେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# କାନପୁର କାହ୍ନେଶ୍ୱର ମନ୍ଦିରର ପରିଚାଳନା ସମିତିର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ

କେନ୍ଦୁଝର(ପିଏନ) : ହାଟଡ଼ିହି ବ୍ଲକର କାନପୁର କାହ୍ନେଶ୍ୱର ମନ୍ଦିରର ପରିଚାଳନା ସମିତିର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ କମିଟିର ସଭାପତି ପ୍ରଭାତ କୁମାର ବେହେରାଙ୍କ ସଭାପତିତ୍ୱରେ ସମ୍ପାଦକ ହରମୋହନ ପଣ୍ଡା ଉପସ୍ଥିତ ରହିଥିବା ବେଳେ ପୁରୁଷୋତମ ରାଉତ, ଗୁଣାକାର ଜେନା, ବୃନ୍ଦାବନ ବେହେରା, ଗୋପବନ୍ଧୁ ପାଣିଗ୍ରାହୀ, ମାନସ ରଞ୍ଜନ ମହାପାତ୍ର, ଦିବ୍ୟଲୋଚନ ବେହେରା, କହ୍ନେଇ ଚରଣ ଜେନା, ଭାଗୀରଥୀ ରାଉତ, ଅନିରୁଦ୍ଧ ଜେନା, ଗଦାଧର ଜେନା, ନିରଞ୍ଜନ ରାଉତ, ମହେନ୍ଦ୍ର କୁମାର ବେହେରା, ଗୋଲକ ପ୍ରସାଦ ରାଉତ, ମହେନ୍ଦ୍ର କୁମାର ବେହେରା, ବିଜୟ କୁମାର ସାମଲ, ସନ୍ତୋଷ କୁମାର ଜେନା, ସରୋଜ କୁମାର ରାଉତ, ଅଲେଖ ବେହେରା, ପ୍ରସନ୍ନ କୁମାର ବେହେରା, ଭାସ୍କର ଚନ୍ଦ୍ର ଜେନା, ରାମଚନ୍ଦ୍ର ଦାସ, ରାଜେନ୍ଦ୍ର ଜେନା, ସୌମ୍ୟରଂଜନ ବେହେରା, ଅପୂର୍ବ ମହାପାତ୍ର, ପ୍ରଦୀପ୍ତ ମହାପାତ୍ର, ବାବାଜୀ ବେହେରା ପ୍ରମୁଖ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ । ସମ୍ପାଦକ ଶ୍ରୀ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ୨୦୧୯ରେ ହୋଇଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ଆୟବ୍ୟୟର ହିସାବ କରାଯାଇ ଉପସ୍ଥିତ ଗ୍ରାମବାସୀ ଓ ସଦସ୍ୟଙ୍କ ସମ୍ମୁଖରେ ହିସାବ କୁହାଯାଇଥିଲା । ୨୦୨୦ ମସିହାରେ ମନ୍ଦିରର ଉନ୍ନତି ପାଇଁ କଣ କଣ ପଦକ୍ଷେପ ନିଆଯିବ ତା ଛଡ଼ା ଗ୍ରାମର ଉନ୍ନତି କ୍ଷେତ୍ରରେ କି କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା ।

## ଗୁରୁଦତ୍ତ ସୌମ୍ୟ ପ୍ରସାଦ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଜଗତସିଂହପୁର ଚମ୍ପିୟାନ

ବାଲିଚନ୍ଦ୍ରପୁର (ପିଏନ)-ବାଲିଚନ୍ଦ୍ରପୁର ସ୍ଥିତ ସ୍ୱାଇଡ଼ର କ୍ଲବ୍ ଆନୁକୁଲ୍ୟରେ ଆୟୋଜିତ ହୋଇଥିବା ନବମ ବାର୍ଷିକ ରାଜ୍ୟ ସ୍ତରୀୟ ଗୁରୁଦତ୍ତ ସୌମ୍ୟପ୍ରସାଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି କ୍ଲବର ସଦସ୍ୟ ସ୍ୱର୍ଗତ ଗୁରୁଦତ୍ତ ସୌମ୍ୟ ପ୍ରସାଦ ସାହୁଙ୍କୁ ସ୍ମୃତି ଉଦେଶ୍ୟରେ ଅନୁଷ୍ଠିତ ହେଉଥିବା ଏହି ଟୁର୍ଣ୍ଣମେଣ୍ଟର ୧୬ଟି ଟିମ ଭାଗ ନେଇଥିଲେ । ତେବେ ଫାଇନାଲ ମ୍ୟାଚଟି ଷ୍ଟାର ଇଲେଭେନ କ୍ରିକେଟ୍ ଟିମ୍ (ଜଗତସିଂହପୁର) ଓ ଆର.ସି.ଡ଼ି କ୍ରିକେଟ୍ ଟିମ୍ ଧୁମାତ (କେନ୍ଦ୍ରାପଡ଼ା)ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥଥିରେ ଷ୍ଟାର ଇଲେଭେନ କ୍ରିକେଟ୍ ଟିମ୍ ଚମ୍ପିୟାନ ହୋଇଛି। ଟସ ଜିତି ଜଗତସିଂହପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ଉଇକେଟ ହରାଇ ୭୦ ରନ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ କେନ୍ଦ୍ରାପଡ଼ା ଟିମ୍ ମାତ୍ର ୫୬ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା। ବିଜୟୀ ଟିମ ର ସେକ୍ ନୁର ନଜିମ୍ ପ୍ଲେୟାର ଅଫ୍ ଦି ମ୍ୟାଚ ଓ ରନର୍ସଅପ ଟିମ୍ ର ଚିନ୍ମୟ ପରିଡ଼ାଙ୍କୁ ପ୍ଲେୟାର ଅଫ୍ ଦି ସିରିଜ ଘୋଷିତ କରାଯାଇଥିଲା। ଏହି ଅବସରରେ କ୍ଲବ ର ଉପଦେଷ୍ଟା ପ୍ରଭାସ ପାଢୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ ଯୋଗଦେଇ ବିଜୟୀ ଦଳକୁ ୧୫ ହଜାର ଟଙ୍କାର ନଗଦ ଅର୍ଥରାଶି ସହିତ ଗୁରୁଦତ୍ତ ସୌମ୍ୟ ପ୍ରସାଦ ସ୍ମାରକୀ କପ୍ ପ୍ରଦାନ କରିଥିଲେ।

# ମଇ ୩ରୁ ତିନିଦିନ ଧରି ପାଳିତ ହେବ ଗଣତନ୍ତ୍ର ଜ୍ଞାନଯଜ୍ଞର ୫୦ତମ କାର୍ଯ୍ୟକ୍ରମ:ବାବା ବଳିଆ

ଭୁବନେଶ୍ୱର,(ପିଏନ୍)- ଅନନ୍ତ ବଳିଆ ଟ୍ରଷ୍ଟ ପକ୍ଷରୁ ୨୦୦୭ ମସିହାରେ ଆରମ୍ଭ ହୋଇଥିବା ଗଣତନ୍ତ୍ର ଜ୍ଞାନଯଜ୍ଞର ୫୦ତମ ସୁବର୍ଣ୍ଣ ଉତ୍ସବ ଆସନ୍ତା ମଇ ମାସ ୩, ୪ ଓ ୫ ତାରିଖରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ଶିଶୁଅନନ୍ତ ଆଶ୍ରମ, ଅରିଲୋ, ତିର୍ତୋଲ ଠାରେ ଅନୁଷ୍ଠିତ ହେବ ବୋଲି ଆଜି ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ପୂଜ୍ୟପୂଜକ ଶ୍ରୀମତ୍ ବାବା ବଳିଆ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏହି ତ୍ରିଦିବସୀୟ କାର୍ଯ୍ୟକ୍ରମରେ ଉଦଘାଟନ ଓ ଉଦଯାପନ ଉତ୍ସବକୁ ଛାଡ଼ି ପରିବେଶ ସଚେତନତା ଓ ଉତର ପିଢୀ ପାଇଁ ଠୋସ କାର୍ଯ୍ୟକ୍ରମକୁ ନେଇ ଦୁଇଟି ସମ୍ମାନ ଅନୁଷ୍ଠିତ ହେବ। ଗଣତନ୍ତ୍ର ଓ ବର୍ତମାନର ସମାଜକୁ ବାର୍ତା, ଉପରେ ଅନ୍ୟ ୩ଗୋଟି ସମ୍ମାନ ଅନୁଷ୍ଠିତ ହେବ। ୨୦୦୭ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦିଲ୍ଲୀ ଠାରେ ଦୁଇଗୋଟି ଜାତୀୟ ସ୍ତରୀୟ ଅଲୋଚନାଚକ୍ର ହୋଇଥିବା ବେଳେ ବମ୍ବେ, କଲିକତା, ବାଙ୍ଗାଲୁର ଭଳି ବୃହତ୍ ଆବାସ ସହରମାନଙ୍କରେ ମଧ୍ୟ ଗଣତନ୍ତ୍ର ସଚେତନତା କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ଓ ସାଧାରଣ ଜନତା ବେଶ୍ ଶ୍ରଦ୍ଧାର ସହ ଗ୍ରହଣ କରୁଛନ୍ତି। ରାଜତନ୍ତ୍ରର ଏକଛତ୍ରବାଦୀ ମନୋଭାବକୁ ଅସହ୍ୟ ମନେକରି ଦୀର୍ଘ ୭୩ ବର୍ଷ ଧରି ଗଣତନ୍ତ୍ରକୁ ରାଷ୍ଟ୍ରଧର୍ମ ଭାବେ ଆପଣେଇବା ପରେ ମଧ୍ୟ ସାଧାରଣ ଜନତା ଗଣତନ୍ତ୍ର କ'ଣ ସଠିକ୍ ବୁଝିନାହାଁନ୍ତି। କିନ୍ତୁ ସେଇ ଅବୁଝା ଅନଭିଜ୍ଞ ମଣିଷ ହାତରେ ଏ ଦେଶର ଭାଗ୍ୟ ଭବିଷ୍ୟ ସ୍ୱାଧୀନତା ନୁହେଁ ବରଂ ସ୍ୱାଧୀକାରପ୍ରାପ୍ତି ପରେ ଯେଉଁ ବ୍ୟବସ୍ଥାରେ ଆମେ ପରିଚାଳିତ ସେ ବ୍ୟବସ୍ଥା ସମ୍ପର୍କରେ ନିଜେ ବୁଝନ୍ତୁ କିମ୍ବା କୌଣସି ବିଶେଷଜ୍ଞ, ବୁଦ୍ଧିଜୀବୀ, ଗୁଣୀଜ୍ଞାନୀ କିମ୍ବା ଗଣତନ୍ତ୍ର ଶିକ୍ଷକ ଏ ଗଣତନ୍ତ୍ର ବ୍ୟବସ୍ଥା କଣ, କିପରି ଓ କାହିଁକି ଜନତାଙ୍କୁ ବୁଝାଇଲେ ନାହିଁ କିମ୍ବା ଯେତିକି ବୁଝାଯାଇଛି ତାହା ଯଥେଷ୍ଟ ନୁହେଁ, ଗଣତନ୍ତ୍ର ବିଶ୍ୱର ସର୍ବଶ୍ରେଷ୍ଠ ଶାସନ ବ୍ୟବସ୍ଥା ହେଲେ ମଧ୍ୟ ଆଜିବି ସାଧାରଣ ଜନତା ଏହାର ସୁଫଳ ପାଇବାରୁ ବଞ୍ଚିତ। ଗାଁ ଗହଳୀର ସରଳ ମଣିଷ ଆଜି ପର୍ଯ୍ୟନ୍ତ ବୁଝିଛି ଗଣତନ୍ତ୍ର ମାନେ ନେତା, ମନ୍ତ୍ରୀ ବା ନିର୍ବାଚନ। କିନ୍ତୁ ଗଣତନ୍ତ୍ରର ସର୍ବୋଚ୍ଚ ବ୍ୟକ୍ତି ଯେ, ସିଏ ନିଜେ ଏକଥା ଏପର୍ଯ୍ୟନ୍ତ ସେ ବୁଝିନି। ଅଧିକାର ପାଇଁ ଆଗଭର ହୋଇ ଗାନ୍ଧିଜୀଙ୍କ ଆଦର୍ଶର ବିକୃତ ରୂପ ହରତାଳ, ଧର୍ମଘଟ, ଅନଶନ, ରାସ୍ତାରୋକକୁ ଶିଖିଲା ଅଥଚ ଦେଶ ପାଇଁ ତାର କିଛି କର୍ତବ୍ୟ ଅଛି, ସେ କଥା ପାଇଁ ଚେଇଁ ଶୋଇଲା, ବ୍ୟକ୍ତି ବ୍ୟବସ୍ଥାକୁ- ବ୍ୟବସ୍ଥା ବ୍ୟକ୍ତିକୁ କାଦୁଅ ଫୋପଡ଼ା ଫୋପାଡ଼ି ହେଉ ହେଉ ରାଷ୍ଟ୍ରରେ ଆଜି ଏ ଅବସ୍ଥା ପ୍ରତି ବ୍ୟକ୍ତି ଯଦି ଦେଶ ପାଇଁ ଦିନକୁ ଅଳ୍ପ ଅଳ୍ପ ସମୟ ଦିଅନ୍ତେ ତେବେ ମୋ ଦେଶ ସୁଧୁରି ଯାଆନ୍ତା, ମୋ ଗଣତନ୍ତ୍ର ସଜାଡ଼ି ହୋଇ ଯାଆନ୍ତା, ମୋ ଉତରପିଢିର ପିଲାମାନେ କୁହନ୍ତେ ଆମ ପୂର୍ବପୁରୁଷମାନେ ଆମ ପାଇଁ ଗୋଟେ ସୁସ୍ଥ ସମାଜ, ଭଲ ବ୍ୟବସ୍ଥା ଓ ଶାନ୍ତ ସମାଜ ଦେଇଛନ୍ତି।

ଦୋଷାରୋପ ପରିହାର କରି ଆମ ଦେଶ ଆମେ ସଜାଡ଼ିବା, ତ୍ରୁଟି କେଉଁଠି ସଂଶୋଧନ କିପରି କ'ଣ କରିବା, କିପରି କରିବା, କଣ କଲେ ଭଲ ହେବ, ଏଇ ମାର୍ଗଦର୍ଶନ ପାଇଁ ଗଣତନ୍ତ୍ର ଆଲୋଚନା ମଂଚ ପ୍ରସ୍ତୁତ କରିଛୁ, ଏଇ ମନ୍ଥନରୁ ବାଟ ମିଳିଗଲେ ଆମ ପାଇଁ ନହେଲା ନାଇଁ ଆଗାମୀ ପିଲାମାନେ ତ ଭଲରେ ରହିବେ?

ସମସ୍ତେ ପଚାରୁଛନ୍ତି ଏ କାର୍ଯ୍ୟକ୍ରମ କାହିଁକି? ଆରେ ବାବୁ! କେଉଁଠୁ ତ ଗୋଟେ ଆରମ୍ଭ ହେବ, କେହି ତ ଜଣେ ଆରମ୍ଭ କରିବ। ଯଦି ମୋ ଭିତରେ ସେ ପ୍ରେରଣା ଆସୁଛି ମୁଁ ମାଧ୍ୟମ ହେଲେ କ୍ଷତି କ'ଣ? ବଳିଆ ମତରେ ସୃଷ୍ଟିର ସେବା ହିଁ ସ୍ରଷ୍ଟାଙ୍କ ସେବା ଜଳ ଜଳ ଦିଶୁଛି। ଆଜିର ଏ ପରିସ୍ଥିତ କାହିଁକି ଉଗ୍ରରୂପ ନେବ। ଆମମାନଙ୍କ ପିଲାମାନେ ତାହାର ଶିକାର ହେବେ, ସମୟ ଅଛି ନେଡ଼ିଗୁଡ଼ କହୁଣୀକୁ ଯାଇନି। ଆସନ୍ତୁ, ମିଳିମିଶି ନିଜେ ସୁଧୁରି ଦେଶ ସୁଧାରି ନେବା ବୋଲି ସେ କହିଛନ୍ତି। ଆଜିର ଏହି ଖବରଦାତା ସମ୍ମିଳନୀରେ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ପୂର୍ବତନ ବିଧାୟକ ଶ୍ରୀ ରାଜୁ ସିଂହ, ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ, କମିଟିର ସାଧାରଣ ସମ୍ପାଦକ ମନୋଜ ଦାସ, ସମ୍ପାଦକ ପରମାତ୍ମା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶାରେ ଜାତୀୟ ସ୍ତରର ଆଦିବାସୀ ମ୍ୟୁଜିୟମ କରିବା ନେଇ ସାଂସଦଙ୍କ ଦାବୀ

ଜୟପୁର,(ପିଏନ)-ଓଡିଶାରେ ବି ଜାତୀୟ ସ୍ତରର ଆଦିବାସୀ ମ୍ୟୁଜିୟମ ପ୍ରତିଷ୍ଠା କରିବା ନେଇ ଦାବୀ କରିଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା । ଦେଶ ପାଇଁ ବଳିଦାନ ଦେଇଥିବା ଆଦିବାସୀ ସ୍ୱାଧିନତା ସଂଗ୍ରାମୀଙ୍କୁ ଜାତୀୟ ସ୍ତରର ଆଦିବାସୀ ମ୍ୟୁଜିୟମରେ ସ୍ଥାନ ଦିଆଯିବ । ଏହି ମ୍ୟୁଜିଅମରେ କୋରାପୁଟ ଜିଲାର ଶହୀଦ ଲକ୍ଷ୍ମଣ ନାୟକଙ୍କ ସହ ରାଜ୍ୟର ଆଦିବାସୀ ସ୍ୱାଧିନତା ସଂଗ୍ରାମୀଙ୍କ ଜିବନୀକୁ ସ୍ଥାନ ଦିଆଯିବ। କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକାଙ୍କ ରାଜ୍ୟସଭାରେ ଲିଖିତ ବିନା ତାରକା ପ୍ରଶ୍ନର ଉତରରେ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟର ରେଣୁକା ସିଂ ସାରୁତା ଉତର ଦେଇ କହିଛନ୍ତି ଯେ, ଜାତୀୟ ସ୍ତରରେ ଏକ ଆଦିବାସୀ ସ୍ୱାଧିନତା ସଂଗ୍ରାମୀଙ୍କ ମ୍ୟୁଜିୟମ ହେବାକୁ ଯାଉଛି । ଏହା ଗୁଜୁରାଟର ନର୍ମଦା ଜିଲାର ଗରୁଡେଶ୍ୱର ଗ୍ରାମରେ ପ୍ରତିଷ୍ଠା ହେବ । ଜାତୀୟ ସ୍ତରରେ ମଧ୍ୟ ଆଦିବାସୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବ। ଗୁଜୁରାଟର ରାଜ୍ୟ ସରକାର ଆଦିବାସୀଙ୍କ ଐତିହାସିକ ଦସ୍ତାବିଜ ମଧ୍ୟ ସଂଗ୍ରହ କରିଛି । ସେହି ଦସ୍ତାବିଜରେ ଫଟୋ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ଚିତ୍ରକଳା ଏବଂ ବିଭିନ୍ନ ଐତିହାସିକ ସାମଗ୍ରୀ ଯେପରି ବନ୍ଧୁକ, ପିସ୍ତଲ ଖଣ୍ଡା, ବର୍ଚ୍ଛା, ମେଡାଲ ଆଦି ସଂଗ୍ରହ କରିଛି । ଆଦିବାସୀ ସ୍ୱାଧିନତା ସଂଗ୍ରାମୀଙ୍କ ଜୀବନି ତାଙ୍କର ସଂଘର୍ଷ, ଜୀବନ ଯାତ୍ରା, ଚଳଣିକୁ ମ୍ୟୁଜିୟମରେ ହେବାକୁ ଥିବା ୧୬ଟି ମୁଖ୍ୟ ଗ୍ୟାଲେରିରେ ସ୍ଥାନ ଦିଆଯିବ। ଓଡିଶାର ମୁଖ୍ୟ ଆଦିବାସୀ ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ, କୋରାପୁଟ ଜିଲାର ଶହୀଦ ଲକ୍ଷ୍ମମ ନାୟକ, ଗଞ୍ଜାମର ବିଦ୍ରୋହ, ଘୁମୁସୁର ବିଦ୍ରୋହ ସ୍ଥାନ ପାଇବ । ଏହା ସହ ଓଡିଶାରେ ଏକ ଜାତୀୟ ସ୍ତରରେ ଆଦିବାସୀ ସ୍ୱାଧିନତା ସଂଗ୍ରାମୀ ମ୍ୟୁଜିୟମ ପ୍ରତିଷ୍ଠା କରିବାକୁ ମଧ୍ୟ ସାଂସଦ ଶ୍ରୀ ଉଲ୍ଲକା ଦାବୀ କରି

# ଜି.ଉଦୟଗିରିରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି

## ଅନ୍ୟ ଗୁଡିକରେ ବିଭିନ୍ନ ଆନୁସଙ୍ଗିକ ସମସ୍ୟାର ସମାଧାନ ପାଇଁ ଦାବୀ

କନ୍ଧମାଳ, (ପିଏନ)- କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ ହୋଇନି ଏଯାଏଁ, ମାସେ କି ଦୁଇମାସ ନୁହେଁ ପ୍ରାୟ ୪ ବର୍ଷ ବିତିଲାଣି, ହେଲେ ଜି.ଉଦୟଗିରି ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ସରିପାରୁନି। ଫଳରେ ପିଲାମାନଙ୍କ ନାମଲେଖା ହୋଇପାରୁନି ଆଉ ପିଲାମାନେ ମାଗଣାରେ ଇଂରାଜୀ ମିଡିୟମ ପାଠ ପଢିପାରୁନାହାଁନ୍ତି। କେବେ ବିଦ୍ୟାଳୟ ଗୃହ କାର୍ଯ୍ୟ ସରିବ ଆଉ ପାଠପଢା ଆରମ୍ଭ ହେବ ତାକୁ ଚାହିଁ ବସିଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ।

ଜି.ଉଦୟଗିରି ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୃହ କାମ ଚାଲିଛି। କାମ ଧିମା ଗତିରେ ଚାଲିଥିବା ଯୋଗୁଁ କେବେ ସରିବ ଘରକାମ ଆଉ ପାଠପଢା ଆରମ୍ଭ ହେବ କାହାକୁ ପଚାରିଲେ କେହି ବି କହିପାରୁନାହାଁନ୍ତି। ସରକାର ଗତ ୨୦୧୬-୧୭ ବର୍ଷଠାରୁ କନ୍ଧମାଳ ଜିଲ୍ଲାର ୧୨ଟି ବ୍ଲକ ମଧ୍ୟରୁ ଜି.ଉଦୟଗିରିକୁ ବାଦ୍ ଦେଲେ ବାକି ୧୧ଟି ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ଖୋଲିଛନ୍ତି। ଏପରି ସ୍ଥିତିରେ ଜି.ଉଦୟଗିରି ବ୍ଲକରେ ଆଦର୍ଶ ବିଦ୍ୟାଳୟ ଶିଘ୍ର ଖୋଲିବା ପାଇଁ ଅଭିଭାବକ ମାନେ ଦାବୀ କରିଛନ୍ତି। ପ୍ରାୟ ୩ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଜି.ଉଦୟଗିରି ଠାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଗୃହକାର୍ଯ୍ୟ ଚାଲିଛି। ସେହିପରି ଜିଲ୍ଲାର ଅନ୍ୟ ୧୧ଟି ବ୍ଲକରେ ଗତ ୪ ବର୍ଷ ହେଲାଣି ଓଡିଶା ଆଦର୍ଶ ବିଦ୍ୟାଳୟ ଖୋଲାଯାଇଥିଲେ ମଧ୍ୟ ସେସବୁ ଗୁଡିକରେ ମଧ୍ୟ ଅନେକ ସମସ୍ୟା ଲାଗିରହିଛି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ଅଧ୍ୟାପିକା ମଧ୍ୟ ନାହାଁନ୍ତି, ଯାହାଫଳରେ ପାଠ ପଢା ବାଧାପ୍ରାପ୍ତ ହେଉଛି। ଫିରିଙ୍ଗିଆ ବ୍ଲକରେ ଥିବା ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟାପକ ପଦବୀ ଖାଲିପଡିଥିବା ସାଙ୍ଗକୁ ଏଯାଏଁ ପାଚେରୀ ନିର୍ମାଣ ହୋଇନଥିବା ବେଳେ ଛାତ୍ରଛାତ୍ରୀ ରହିବା ପାଇଁ ହଷ୍ଟେଲ ସୁବିଧା ମଧ୍ୟ ନାହିଁ। କେବଳ ସେତିକି ନୁହେଁ ଘରକାମ ନିମ୍ନମାନର କରାଯାଇଥିବା ଯୋଗୁଁ ଏବେଠାରୁ କେତେକ ସ୍ଥାନରେ କାନ୍ଥ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମସ୍ୟା ଗୁଡିକର ସମାଧାନ କରିବାପାଇଁ ଛାତ୍ରଛାତ୍ରୀ ଓ ଅଭିଭାବକ ଦାବୀ କରିଛନ୍ତି। ତେବେ, ଏନେଇ ଜିଲ୍ଲା ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ସେ ଜି.ଉଦୟଗିରି ଠାରେ ବିଭିନ୍ନ ଅସୁବିଧା ଯୋଗୁଁ ଗୃହ ନିର୍ମାଣ କାମ ସରିନଥିବା କହିଥିବା ବେଳେ ଚଳିତ ବର୍ଷ ଅନ୍ୟସ୍ଥାନରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଯାଇ ଓଡିଶା ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିବାଲାଗି ଉଦ୍ୟମ କରାଯାଉଥିବା କହିଛନ୍ତି। ସେହିପରି ଖାଲିପଡିଥିବା ଅଧ୍ୟାପକ ଅଧ୍ୟାପିକା ପଦବୀ ମଧ୍ୟ ପୂରଣ କରାଯିବ ବୋଲି କହିଛନ୍ତି। ତେବେ, ଜି.ଉଦୟଗିରିରେ ଆଦର୍ଶ ବିଦ୍ୟାଳୟ ଘରକାମ କେବେ ସରିବ ଆଉ ପିଲାମାନେ କେବେ ଇଂରାଜୀ ମିଡିୟମରେ ଶିକ୍ଷାଲାଭ କରିବାର ସୁଯୋଗ ପାଇବେ ତାହା ଦେଖିବାର କଥା।

# ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟଟନ ଓ ସେବା ବିଭାଗର ପ୍ରଶିକ୍ଷଣ

ଜୟପୁର, (ପିଏନ)-ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପର୍ଯ୍ୟଟନ ଓ ସେବା ବିଭାଗ ତରଫରୁ ଏକ ହୋଟେଲରେ ସେବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ର ଛାତ୍ର୍ର ହୋଟେଲ ସେବା ପ୍ରଦାନ ନିମନ୍ତେ ତାଲିମ ଗ୍ରହଣ କରିଥିଲେ । ଛାତ୍ର ଛାତ୍ରୀ ମାନେ ସେଠାରେ ନିୟମିତ ରନ୍ଧନ ପ୍ରଣାଳୀ, ହୋଟେଲ ରୁମ୍ ସର୍ଭିସ, ରୁମ୍ ସାଜସଜ୍ଜା ଏବଂ ଗ୍ରାହକ ମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ଅଭିନବ କୌଶଳ ବିଷୟରେ ବିଶେଷ ତଥ୍ୟ ହାସଲ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମକୁ ସେ ମ ଓର୍କସ ସ୍କିଲ ଅଫ ଇଣ୍ଡିଆର ପର୍ଯ୍ୟଟନ ଓ ସେବା ପ୍ରଶିକ୍ଷିକା ସୁବର୍ଣ୍ଣ କୁମାରି ଖିଲ ଓ ଶିକ୍ଷକ ଶିକ୍ଷୟତ୍ରୀ ଜୟ ପ୍ରକାଶ ମିଶ୍ର, ଏନ. ପଦ୍ମାବତୀ, ପ୍ରଭାତୀ ପାଣିଗ୍ରାହୀ, ବେଦମତି ଦାସ, ରଶ୍ମିତା ନାହାକ, ଗାଇଡ ଶିକ୍ଷକ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

